୬ ରୋହନ ଜେଟ୍‌ଲୀ ହେବେ ବିସିସିଆଇର ପରବର୍ତ୍ତୀ ସଚିବ!



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୨୭୬ ● ୫ ନଭେମ୍ବର ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-276 ● 5th November 2024, Tuesday ● Bhubaneswar | Licensed to post without pre-payment of postage No- BN-60/25-27

### ଆସିଲା ବାତ୍ୟା 'ଦାନା'ର କ୍ଷୟକ୍ଷତି ରିପୋର୍ଟ

## ପ୍ରାଥମିକ ଆକଳନ ଅନୁସାରେ କ୍ଷତି ୬୦୦ କୋଟି

ଭୁବନେଶ୍ୱର, ୪।୧୧
ନ୍ୟୁଜ୍ ବ୍ୟୁରୋ

ଆସିଲା ବାତ୍ୟା 'ଦାନା' କ୍ଷୟକ୍ଷତି ରିପୋର୍ଟ । ଜିଲ୍ଲାସ୍ତରରୁ କ୍ଷୟକ୍ଷତି ରିପୋର୍ଟ ପାଇଲେ ରାଜ୍ୟ ସରକାର। କେବଳ ପଞ୍ଚାୟତିରାଜ ବିଭାଗ ବ୍ୟତୀତ ଅନ୍ୟ ସବୁ ବିଭାଗରୁ ଆସିଛି ରିପୋର୍ଟ। ତେବେ ପ୍ରାଥମିକ ଆକଳନ ଅନୁସାରେ ବାତ୍ୟା 'ଦାନା' ଯୋଗୁ ପ୍ରାୟ ୬ଶହ କୋଟି ଟଙ୍କାର ସମ୍ପତ୍ତି କ୍ଷତି ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି।

ଗତ ମାସରେ ଘଟିଥିବା ବାତ୍ୟା ଦାନା ପ୍ରଭାବରେ ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦ୍ରାପଡା ଜିଲ୍ଲା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ତେବେ ମୋଟାମୋଟି ଭାବରେ ଏହି ବାତ୍ୟା ଏବଂ ପରବର୍ତ୍ତୀ ସମୟରେ ବନ୍ୟା ଯୋଗୁଁ ୧୪ ଜିଲ୍ଲାର ୧୩୧ ବ୍ଲକ ପ୍ରଭାବିତ ହୋଇଛି। ୧୧,



୬୩୭ ଗାଁର ୪୧ ଲକ୍ଷ ଲୋକ ବାତ୍ୟା ଓ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ସମୁଦାୟ ୧୬,୪୧୭ ଘର ପ୍ରଭାବିତ ହୋଇଥିବା ବେଳେ ୨୭ ଘର ସଂପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି । ୧୪,୬୮୦ ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ (ପୃଷ୍ଠା ୭ରେ)

### ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀଙ୍କ ସୂଚନା

## ଦିଲ୍ଲୀରେ ଓଡ଼ିଆ ଯୁବତୀଙ୍କୁ ଦୁଷ୍କର୍ମ ମାମଲାରେ ୩ ଗିରଫ

ନୂଆଦିଲ୍ଲୀ, ୪।୧୧

ଦିଲ୍ଲୀରେ ଓଡ଼ିଆ ଯୁବତୀଙ୍କୁ ଦୁଷ୍କର୍ମ ମାମଲାରେ ୩ ଜଣ ଗିରଫ କରାଯାଇଛି । ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ୩ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ବ୍ୟବହୃତ ହୋଇଥିବା ଅଟୋରିକ୍ସାକୁ ଜବତ କରାଯାଇଛି । ଅଧିକ ତଦନ୍ତ ପାଇଁ ଦିଲ୍ଲୀ ପୋଲିସକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିବା କହିଛନ୍ତି । ଗତ ଅକ୍ଟୋବର ୧୧ ତାରିଖରେ ଓଡ଼ିଆ ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ ହୋଇଥିଲା।

ସୂଚନାଯୋଗ୍ୟ, ଅକ୍ଟୋବର ୧୦ ଏବଂ ୧୧ ମଧ୍ୟରାତ୍ରିରେ ଦକ୍ଷିଣ ପୂର୍ବ ଦିଲ୍ଲୀର ଏକ ଫ୍ଲାଏ ଓଭର ନିକଟରେ ୩୪ ବର୍ଷୀୟା ଯୁବତୀଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ମହିଳା ଜଣକ ଓଡ଼ିଶାର ବାସିନ୍ଦା ହୋଇଥିବା ବେଳେ ତାଙ୍କୁ ଅନ୍ୟତ୍ର ଦୁଷ୍କର୍ମ କରାଯାଇ ସେଠାରେ ଫିଙ୍ଗି ଦିଆଯାଇଥିବା ପୋଲିସ କହିଛି ।

ଦକ୍ଷିଣ ପୂର୍ବ ଦିଲ୍ଲୀର ଡେପୁଟି



କମିଶନର ରବି କୁମାର ସିଂ କହିଛନ୍ତି ଯେ, ପୀଡିତାଙ୍କୁ ଏମ୍ସ ଟ୍ରମା ସେଣ୍ଟରକୁ ନିଆଯାଇଥିଲା । ଯେଉଁଠାରେ ସେ ବର୍ତ୍ତମାନ ଚିକିତ୍ସିତ ହେଉଛନ୍ତି। ଘଟଣା ଦିନ ଭୋର ୩ଟା ୧୫ରେ ଜଣେ ବ୍ୟକ୍ତି ପୋଲିସ୍‌କୁ କଲ କରି ଜଣାଇବା ପରେ ପୀଡିତାଙ୍କୁ ଠାବ କରାଯାଇଥିଲା।

ଡିସିପି ସିଂ କହିଛନ୍ତି, ଯୁବତୀ ଜଣକ ବର୍ଷକ ପୂର୍ବରୁ ଦିଲ୍ଲୀ ଆସିଥିଲେ ଏବଂ ଭଡାରେ ରହୁଥିଲେ। ଅଧିକାରୀ କହିଛନ୍ତି ଯେ, ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ର ଧାରା ଅନୁଯାୟୀ ଏକ ମାମଲା ରୁଜୁ ହୋଇଥିଲା ଏବଂ ଅପରାଧୀଙ୍କୁ ଧରିବା ପାଇଁ ଏକାଧିକ ଦଳ ଗଠନ କରାଯାଇଛି ।

ପୋଲିସ ଏହି ଘଟଣାର ତଦନ୍ତ କରି ଅଧିକ ସୂଚନା ସଂଗ୍ରହ କରିବା ପାଇଁ ଅଞ୍ଚଳର ସିସିଟିଭି ଫୁଟେଜ ସମୀକ୍ଷା କରୁଛି । ପୀଡିତା ବର୍ତ୍ତମାନ ସ୍ପଷ୍ଟ ବିବରଣୀ ପ୍ରଦାନ କରିବାରେ ଅସମର୍ଥ। ତାଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଛି। ସେମାନେ ଓଡିଶାରୁ ଦିଲ୍ଲୀ ଅଭିମୁଖେ ଆସୁଛନ୍ତି ବୋଲି ଡିସିପି କହିଛନ୍ତି।

ପୋଲିସ ସୂତ୍ର ଅନୁଯାୟୀ, ଯୁବତୀ ଜଣକ ଘରୁ ବାହାରିବା ପରେ ତାଙ୍କର ମାତାପିତା ନିଖୋଜ ବ୍ୟକ୍ତିଙ୍କ ରିପୋର୍ଟ ଦାଖଲ କରିଥିଲେ। ପରେ ସେ କେଉଁଠାରେ ଅଛନ୍ତି ଜାଣିବା ପରେ ସେମାନେ ପ୍ରାୟ ଦୁଇମାସ ପୂର୍ବରୁ ଦିଲ୍ଲୀରେ ତାଙ୍କୁ ଦେଖା କରିଥିଲେ। କିନ୍ତୁ ତାଙ୍କୁ ଘରକୁ ଫେରିବାରେ ମନାଇବାରେ ଅସମର୍ଥ ହୋଇଥିଲେ।

### ୫ରେ ଘୂର୍ଣ୍ଣିବଳୟ ୧୦ ଯାଏଁ ବର୍ଷା

ଭୁବନେଶ୍ୱର, ୪।୧୧
ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାରରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ତେବେ ସୋମବାର ରାଜ୍ୟରେ ପାଗ ପ୍ରାୟ ଶୁଖିଲା ରହିଥିଲା ଓ ମଙ୍ଗଳବାର ଗଞ୍ଜାମ ଓ ପୁରୀ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ୬ ତାରିଖରେ ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା ଓ କନ୍ଧମାଳ ଆଦି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବ। ୭ ତାରିଖରେ ଗଞ୍ଜାମ, ଗଜପତି, ପୁରୀ ଓ ଖୋର୍ଦ୍ଧା ଆଦି ଜିଲ୍ଲାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଥିବାବେଳେ ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସ୍ଥାନେ ସ୍ଥାନେ ବର୍ଷା ହେବ ବୋଲି ଆକଳନ କରିଛି ପାଣିପାଗ ବିଭାଗ।

ଅନ୍ୟପକ୍ଷେ ଚଳିତ ନଭେମ୍ବରରେ ସ୍ୱାଭାବିକଠାରୁ ଅଧିକ ତାପମାତ୍ରା ଅନୁଭୂତ ହେବାକୁ ଥିଲେ ମଧ୍ୟ ଆଗାମୀ ୨ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇପାରେ। ରବିବାର ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ଦାରିଙ୍ଗବାଡି ଓ ଫୁଲବାଣୀରେ ୧୬.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ବୌଦ୍ଧରେ ସର୍ବାଧିକ ୩୪.୮ ଡିଗ୍ରୀ ରହିଥିଲା।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## କଂଗ୍ରେସ ଓ ଇଣ୍ଡିଆ ମେଣ୍ଟକୁ ପ୍ରଧାନମନ୍ତ୍ରୀଙ୍କ ଟାର୍ଗେଟ

ରାଞ୍ଚି, ୪।୧୧

ଝାଡ଼ଖଣ୍ଡରେ ଆୟୋଜିତ ଏକ ନିର୍ବାଚନୀ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ବିରୋଧୀ ଜଣେ ମହିଳା ନେତ୍ରୀଙ୍କ ପ୍ରତି ଅତ୍ୟନ୍ତ ଅଭଦ୍ର ଟିପ୍ପଣୀ କରିଛନ୍ତି।

ଶିବସେନା(ୟୁବିଟି) ନେତା ଅରବିନ୍ଦ ସାୱନ୍ତଙ୍କ ବିବାଦୀୟ ବୟାନକୁ ସୋମବାର ପ୍ରସଙ୍ଗ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମେଣ୍ଟ ଇଣ୍ଡିଆ ଉପରେ ବର୍ଷିଛନ୍ତି । ନଭେମ୍ବର ୨୦ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ଏକନାଥ ସିନ୍ଦେଙ୍କ ଶିବସେନାରେ ଯୋଗ ଦେଇଥିବା ବିଜେପି ନେତ୍ରୀ ଶାଇନା ଏନସିଙ୍କ ପ୍ରତି ସାୱନ୍ତ ଅରୁଚିକର ବୟାନ ଦେଇଥିଲେ। ଏ ପ୍ରସଙ୍ଗରେ ଇଣ୍ଡିଆ ମେଣ୍ଟର ନେତାମାନେ ନୀରବତା ଅବଲମ୍ବନ କରିଥିବାରୁ ମୋଦି ସେମାନଙ୍କୁ ଟାର୍ଗେଟ କରିଛନ୍ତି।



ଝାଡ଼ଖଣ୍ଡରେ ଆୟୋଜିତ ଏକ ନିର୍ବାଚନ ରାଲିରେ ମୋଦି କହିଛନ୍ତି ଯେ ବିରୋଧୀ ଜଣେ ମହିଳା ନେତ୍ରୀଙ୍କ ପ୍ରତି ଅତ୍ୟନ୍ତ ଅଭଦ୍ର ଟିପ୍ପଣୀ କରିଛନ୍ତି । ମହାରାଷ୍ଟ୍ର ଭଳି ଝାରଖଣ୍ଡରେ ମଧ୍ୟ ବିଧାନସଭା ନିର୍ବାଚନ ପ୍ରାୟ ଗୋଟିଏ ସମୟରେ ହେବାକୁ ଯାଉଛି। ଏଠାରେ ନିଜ ଦଳ ବିଜେପି ପାଇଁ ମୋଦି ଜୋରଦାର ପ୍ରଚାର କରିଛନ୍ତି।

ସେ କହିଛନ୍ତି, ମା ଓ ଝିଅମାନେ ଏବେ ଆଘାତ ପାଇଛନ୍ତି ଓ ଲୋକମାନେ ସେମାନଙ୍କୁ ଉଚିତ ଶିକ୍ଷା ଦେବେ। କଂଗ୍ରେସ ସୀତା ସୋରେନଙ୍କୁ ଅପମାନିତ (ପୃଷ୍ଠା ୭ରେ)

## କେନ୍ଦ୍ରାପଡ଼ାରୁ ଓହରିନି ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ ପ୍ରକଳ୍ପ

ଭୁବନେଶ୍ୱର, ୪।୧୧
ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡାରେ ପ୍ରସ୍ତାବିତ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପରୁ ଆର୍ସେଲର ମିତ୍ତଲ ଓହରି ନାହିଁ କିମ୍ବା ସେଭଳି କୌଣସି ସମ୍ଭାବନା ନାହିଁ ବୋଲି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ଓଡ଼ିଶା ପ୍ରକଳ୍ପରୁ ଆର୍ଭେଲର ମିତ୍ତଲ ଓହରି ଯାଉଥିବା ନେଇ ବିଜେଡ଼ି ପକ୍ଷରୁ ମିଛ ପ୍ରଚାର କରାଯାଉଛି ଓ ଓଡ଼ିଶାର ଲୋକଙ୍କୁ ଭ୍ରମିତ କରାଯାଉଛି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। । ଓଡିଶାରୁ ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ ଯିବନି। ଏହା ମଧ୍ୟରେ ଆମେ ଆର୍ସେଲର ମିତ୍ତଲ କମ୍ପାନୀ ସହ ଦୁଇ ଥର ଆଲୋଚନା କରିଛୁ। ପୂର୍ବ ସରକାରଙ୍କ ସମୟରେ ଯେଉଁ ଶିଳ୍ପ ଓଡ଼ିଶାରୁ ଫେରି ଯାଇଥିଲେ ଏବେ ସେମାନେ ପୁଣି ଓଡ଼ିଶା ଫେରୁଛନ୍ତି ବୋଲି ଶିଳ୍ପ ମନ୍ତ୍ରୀ କହିଛନ୍ତି।

କେନ୍ଦ୍ରାପଡ଼ାରେ ପ୍ରସ୍ତାବିତ ୨୪ ନିୟୁତ




ଟନ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ପ୍ରକଳ୍ପରୁ ଓହରିନି ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ୍ କମ୍ପାନୀ। ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ'ର ଜନୈକ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି । ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ ଆନ୍ଧ୍ରପ୍ରଦେଶରେ ଏକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା କରିବାକୁ ଯାଉଥିବା ନେଇ ଜାତୀୟ ଗଣମାଧ୍ୟମରେ ଖବର ଆସିବା ପରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ପ୍ରତାପ ଜେନା କହିଥିଲେ ଯେ ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ ପ୍ରକଳ୍ପ କେନ୍ଦ୍ରାପଡ଼ାରୁ ଆନ୍ଧ୍ରପ୍ରଦେଶକୁ ଉଠିଯାଉଛି। (ପୃଷ୍ଠା ୭ରେ)

## ଦୁର୍ଘଟଣା ପରେ ଜଳିଗଲା ବାୟୁସେନାର ମିଗ୍ ୨୯ ଯୁଦ୍ଧ ବିମାନ

ନୂଆଦିଲ୍ଲୀ, ୪।୧୧

ଭାରତୀୟ ବାୟୁସେନାର ଗୋଟିଏ ମିଗ ୨୯ ଯୁଦ୍ଧ ବିମାନ ସୋମବାର ଉତ୍ତର ପ୍ରଦେଶର ଆଗ୍ରାରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ବିମାନରେ ଥିବା ପାଇଲଟ ଜଣକ ଏଥିରୁ ସୁରକ୍ଷିତ ଭାବେ ବାହାରି ଆସିବାକୁ ସକ୍ଷମ ହୋଇଛନ୍ତି।

ଦୁର୍ଘଟଣା ପରେ ବିମାନଟି ସଂପୂର୍ଣ୍ଣ ଭାବେ ଜଳି ଯାଇଛି । ଆଗ୍ରାର ସୋନଗା ଗାଁରେ ଥିବା ଗୋଟିଏ ଖୋଲା ପଡ଼ିଆରେ ବିମାନଟି ଖସିବା ପରେ ହୁତହୁତ ହୋଇ ଜଳିବାକୁ ଲାଗିଥିଲା । ଏହାର ଦୃଶ୍ୟ ମଧ



ସାମ୍ନାକୁ ଆସିଛି । ବିମାନଟି ଜଳୁଥିବା ବେଳେ ଲୋକମାନେ ଏହା ଠାରୁ ବେଶ ଦୂରରେ ଛିଡ଼ା ହୋଇ ଦେଖିଥିଲେ।

ତେବେ କେଉଁ ପରିସ୍ଥିତିରେ ଯୁଦ୍ଧ ବିମାନ ଦୁର୍ଘଟଣାଗ୍ରସ୍ତ ହେଲା, ସେକଥା ଜଣାପଡ଼ିନାହିଁ। (ପୃଷ୍ଠା ୭ରେ)

## ୨୧ ତାରିଖରୁ ଆରମ୍ଭ ହେବ ଧାନ କିଣା

### କଟ୍‌ନିଛଟ୍‌ନି ମୁକ୍ତ କରିବା ଉପରେ ସରକାରଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୪।୧୧
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଧାନ କିଣାକୁ ନେଇ ସୋମବାର ମନ୍ତ୍ରୀ ସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକର ନିଷ୍ପତ୍ତି ଅନୁସାରେ ବରଗଡ଼ ଜିଲ୍ଲାରୁ ଧାନ କିଣା ଆରମ୍ଭ ହେବ। ଏନେଇ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ମନ୍ତ୍ରୀ କହିଛନ୍ତି ଚାଷୀଙ୍କ ଠାରୁ ରାଜ୍ୟ ସରକାର ଧାନ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କାରେ କିଣିବେ। (ପୃଷ୍ଠା ୭ରେ)



### ଭୁବନେଶ୍ୱର ବିମାନବନ୍ଦରରେ ବୋମା ଧମକ

ଭୁବନେଶ୍ୱର, ୪।୧୧ : ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ବିମାନବନ୍ଦରର ଏକ ବିମାନରେ ବୋମା ଧମକ ଚିଠି। ଭୁବନେଶ୍ୱରରୁ ଦିଲ୍ଲୀ ଛାଡ଼ିବାକୁ ଥିବା ବିମାନରୁ ଚିଠି ମିଳିଥିବା ସୂଚନା ମିଳିଛି। ବୋମା ଧମକ ଚିଠି ପରେ ଯାଞ୍ଚ କରୁଛନ୍ତି ବିମାନବନ୍ଦର କର୍ତ୍ତୃପକ୍ଷ। ଭୁବନେଶ୍ୱର ବିମାନବନ୍ଦରରେ ବୋମା ଧମକ ପରେ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଧମକପୂର୍ଣ୍ଣ ଚିଠି ମିଳିବା ପରେ ଭୁବନେଶ୍ୱର ବିମାନ ବନ୍ଦରରେ କଡ଼ାକଡ଼ି ଯାଞ୍ଚ କରାଯାଉଛି । ଭୁବନେଶ୍ୱର ବିମାନ ବନ୍ଦର କର୍ତ୍ତୃପକ୍ଷ କହିଛନ୍ତି ଯେ ନିୟମାନୁସାରେ ବିମାନବନ୍ଦରରେ ବୋମା ନିଷ୍କ୍ରିୟ କରାଯିବା ନେଇ ପଦକ୍ଷେପ ନିଆଯାଇଛି।

### ଏକାଳ ପଖାଳ



ମୁଖିଆ ହେବାକୁ ବହୁତ ମନ
ସେପାଇଁ ନେତାଙ୍କ ଭିଡ
କାହୁଁ କେତେ କାଲୁ ଆସନଟା ଖାଲି
ଖାଁ ଖାଁ ପୂରା ଗଡ
ଖୋଳି ଅନ୍ୟ ପାଇଁ ଗାଡ
ସେଥିରେ ନିଜେ ପଡି ଛଟପଟ
ଅଯଥାରେ ଉଡଉଡ।

## ଅଦିନିଆ ରଥଯାତ୍ରା ଜିଦ୍‌ରେ ଅଟଳ ଇସ୍କନ : ବିଦେଶ ଯାଏଁ ଶୁଭିଲାଣି ବିରୋଧର ସ୍ୱର



ଭୁବନେଶ୍ୱର, ୪।୧୧
ନ୍ୟୁଜ୍ ବ୍ୟୁରୋ

ନଭେମ୍ବର ୯ ଅଦିନିଆ ରଥଯାତ୍ରା ଆୟୋଜନ ଜିଦ୍‌ରେ ଅଟଳ ରହିଛି ଇସ୍କନ । ଆମେରିକା ହ୍ୟୁଷ୍ଟନରେ ସେଦିନ ରଥଯାତ୍ରା କରିବାକୁ ମାତିଛି ସଂସ୍ଥା । ଏଣେ ହ୍ୟୁଷ୍ଟନରୁ ବି ପ୍ରବାସୀ ଓଡ଼ିଆ ଓ ପ୍ରବାସୀ ଭାରତୀୟମାନେ ଜଗନ୍ନାଥ ସଂସ୍କୃତିର ରକ୍ଷା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି। ଏଣେ ଶ୍ରୀମନ୍ଦିର ସେବକ କହିଲେଣି- ମହାପ୍ରଭୁଙ୍କୁ ଅପମାନ କଲେ ଦରକାର ପଡ଼ିଲେ ସେମାନଙ୍କୁ ଶ୍ରୀମନ୍ଦିର ପ୍ରବେଶ କଟକଣା ଲଗାଯାଇପାରେ। ହ୍ୟୁଷ୍ଟନ ସହରରୁ ଶୁଭୁଛି ଇସ୍କନ ବିରୋଧୀ ସ୍ୱର। ଭକ୍ତ ରାଗିଲେଣି । ଜଗନ୍ନାଥ ପ୍ରେମୀଙ୍କ ଭାବାବେଗ ସହ ନଖେଳିବାକୁ ତାଗିଦ୍ ବି କଲେଣି । ତା'ସତ୍ତ୍ୱେ ଶୁଣୁନି କି ସୁଧୁରୁନି ଇସ୍କନ । ପୁରୀ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ହେଉ କି ଗଜପତି ମହାରାଜାଙ୍କ ଚିଠି ଏସବୁକୁ ବେଖାତିର କରି କେମିତି ଆସନ୍ତା ୯ ତାରିଖରେ ଅଦିନିଆ ରଥଯାତ୍ରା ଆୟୋଜନରେ ମାତିଛି ଆମେରିକା ଇସ୍କନର ହ୍ୟୁଷ୍ଟନ ଶାଖା। ଆସିଛି ତା'ର ବଡ଼ ପ୍ରମାଣ । ଏସବୁ ଦେଖି ଇସ୍କନ ହ୍ୟୁଷ୍ଟନ ଶାଖା ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ସେଠି ରହୁଥିବା ପ୍ରବାସୀ ଓଡ଼ିଆ ଓ ପ୍ରବାସୀ ଭାରତୀୟ । ସମସ୍ତେ ତିଥି ଅନୁସାରେ ରଥଯାତ୍ରା କରିବାକୁ ଇସ୍କନକୁ କହିଥିବା ବେଳେ ଜଗନ୍ନାଥପ୍ରେମୀଙ୍କ (ପୃଷ୍ଠା ୭ରେ)

## ଉତ୍ତରାଖଣ୍ଡ ବସ୍ ଦୁର୍ଘଟଣା ମୃତ୍ୟୁ ସଂଖ୍ୟା ୩୬କୁ ବୃଦ୍ଧି

ଆଲମୋରା, ୪।୧୧

ସୋମବାର ଉତ୍ତରାଖଣ୍ଡର ଆଲମୋରାଠାରେ ଏକ ବସ ଘାଟିରେ ଖସିପଡ଼ିବା ଯୋଗୁଁ ଅତି କମରେ ୩୬ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଛି । ଏଥିରେ ୧୯ ଜଣ ଆହତ ହୋଇଛନ୍ତି।

ମାର୍ଚ୍ଚୁଲାର ସଲ୍ଟ ଅଞ୍ଚଳରେ ଦୁର୍ଘଟଣାସ୍ଥଳରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ଫୋର୍ସ (ଏନଡିଆରଏଫ) ଏବଂ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ଫୋର୍ସ (ଏସଡିଆରଏଫ)ର ପୁଲିସ ଏବଂ ଟିମ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

ସୂଚନାନୁସାରେ, ବସ୍‌ର ଓଭରଲୋଡିଂ



ଦୁର୍ଘଟଣା ପଛର କାରଣ ହୋଇଥାଇପାରେ। ଆଲ୍‌ମୋରା ପୁଲିସ୍ ଅଧୀକ୍ଷକ ଦେବେନ୍ଦ୍ର ପିଞ୍ଚା କହିଛନ୍ତି ଯେ ମୃତ୍ୟୁ ସଂଖ୍ୟା ବଢ଼ିବାର ଆଶଙ୍କା କରାଯାଉଛି।

ଦୁର୍ଘଟଣା ଘଟିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୃତକଙ୍କ ପରିବାର ପାଇଁ ପ୍ରଧାନମନ୍ତ୍ରୀଙ୍କ ରିଲିଫ (ପୃଷ୍ଠା ୭ରେ)

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର,୦୫ ନଭେମ୍ବର,ମଙ୍ଗଳବାର, ୨୦୨୪





## ଧର୍ମଶାଳାରେ ଗିରିଗୋବର୍ଦ୍ଧନ ପୂଜା

# 'ପାହାଡ଼ ପର୍ବତ ଓ ପରିବେଶ ଆମ ପାଇଁ ଠାକୁର'

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଭଗବାନ ଶ୍ରୀକୃଷ୍ଣ ପାହାଡ଼ ପୂଜା ପରମ୍ପରା ଆରମ୍ଭ କରି ଗିରିଗୋବର୍ଦ୍ଧନ ପୂଜା କରିଥିଲେ। ଏହାଦ୍ୱାରା ପାହାଡ଼ ପର୍ବତ ଓ ପରିବେଶ ଆମ ପାଇଁ ଠାକୁର ବୋଲି ନିଜେ ଭଗବାନ ଆମକୁ ଶିଖାଇଛନ୍ତି। ଆମ ଠାକୁର ତଥା ଭଗବାନ ରୂପକ ପାହାଡ଼କୁ ଧ୍ୱଂସରେ ସାମିଲ ଥିବା ନେତା, ପ୍ରଶାସକ ଓ ମାଫିଆମାନେ ମଣିଷ ରୂପରେ ସୈତାନ ବୋଲି କହିଛନ୍ତି ଧର୍ମଶାଳା ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ସଭାପତି।

ଯାଜପୁର ଜିଲ୍ଲାର ଧର୍ମଶାଳାରେ ଗିରିଗୋବର୍ଦ୍ଧନ ପୂଜା ବାଘୁଆ ପାହାଡ଼ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶଙ୍ଖ, ଘଣ୍ଟ ଧ୍ୱନିରେ ଧର୍ମଶାଳା ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ତରଫରୁ ପାହାଡ଼ ପୂଜା କରାଯାଇ ଥିଲା। ସଭାପତି ସତୀଶ ବିଶ୍ୱାଳ ଧୂପ, ଦୀପ, ନୈବେଦ୍ୟ ପ୍ରଦାନ କରି ପୂଜା କରିଥିଲେ। ଏହାପରେ ସତୀଶ ପାହାଡ଼ ଉପରେ ଅନୁଷ୍ଠିତ ଆଲୋଚନାରେ କହିଥିଲେ ଯେ, ଅତୀତରେ ବିଜେଡି ଶାସନରେ ପାହାଡ଼ ଲୁଟ୍‌କୁ ନିରନ୍ତର ଭାବେ ବିରୋଧ କରାଯାଇଛି। ମୋହନ ସରକାର କ୍ଷମତାକୁ ଆସିବା ପରେ ରାଜ୍ୟରେ ପ୍ରଥମ ଆନ୍ଦୋଳନ ଧର୍ମଶାଳାର ବାଘୁଆ ପାହାଡ଼ ସୁରକ୍ଷା ପାଇଁ ଅନୁଷ୍ଠିତ ହୋଇଥିଲା। ଏହି ଆନ୍ଦୋଳନ ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କାରୀଙ୍କ ନାମରେ ମିଛ ବନ୍ଧୁକ ଧରି ଚାନ୍ଦା ମାଗିବା ଅଭିଯୋଗରେ କେସ୍ ରୁଜୁ କରାଯାଇଥିଲା। ହେଲେ ଶେଷରେ ଧର୍ମର ଜୟ ହେଲା। ଦୀର୍ଘ ବର୍ଷର ବାଘୁଆ ପାହାଡ଼ ସୁରକ୍ଷା ପାଇଁ ମୋର ଲଢେଇ ସଫଳ ହେବା ସହ ବାଘୁଆର ସମସ୍ତ ଲିଜ୍‌କୁ ବାତିଲ କରାଗଲା। ବାଘୁଆ ମାଫିଆଙ୍କ କବଳରୁ ମୁକ୍ତି ହୋଇଥିବା ନେଇ ବାଘୁଆ ଉପରେ ସ୍ୱାଧୀନତା ଦିବସ ପାଳନ ହୋଇ ତ୍ରିରଙ୍ଗା ଉଡ଼ିଥିଲା। ଡଙ୍କାରୀରେ ୩ ଶ୍ରମିକ ମୃତ୍ୟୁ ପ୍ରସଙ୍ଗରେ ଆମର ଲଢେଇ ଅନୁସାରେ ଜରିମାନା ସହ କଠୋର ଦଫାରେ ପୋଲିସ କେସ୍ ହୋଇଛି। ବ୍ୟାପକ ଦୁର୍ନୀତି ପାଇଁ ପରିବେଶଗତ କ୍ଷତି ନେଇ ଜରିମାନା କମାଇ ଦିଆଯାଇଛି। ଏଥିନେଇ ପୁନଶ୍ଚ ଆକଳନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସରକାର ପଦକ୍ଷେପ ଗ୍ରହଣ ନକଲେ କୋର୍ଟରେ ଲଢେଇ ହେବ। ପୂର୍ବରୁ ବିଜେଡି ସରକାରରେ ବାଘୁଆ ୧ ନମ୍ବର ଏବଂ ୩ ନମ୍ବର ଖାଦାନରୁ ପିଆରପିଏଲ କମ୍ପାନୀକୁ ବିଦା କରିଥିଲୁ। ଏଠାରୁ କମ୍ପାନୀ କରିଥିବା ବହୁକୋଟି ଟଙ୍କାର ଲୁଟ୍ ନେଇ ଜରିମାନା କରାଯିବ। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ରାହାଡ଼ପୁରରୁ ବେଆଇନ କଳାପଥର ଲୁଟ୍ ପାଇଁ ଜଣେ ଶ୍ରମିକଙ୍କୁ ଅତ୍ୟନ୍ତ ଅନ୍ୟାୟ ଭାବେ ମାରି ଦିଆଯିବା ଘଟଣାକୁ ଚାପି ଦିଆଯାଇଛି। ଡଙ୍କାରୀ, ରାହାଡପୁର, ବାଜବାଟୀ, ବରଡା, ବିଛାଖଣ୍ଡୀ ଆଦି ପାହାଡ଼ରୁ ଲୁଟ୍ ଚାଲିଛି। ଏହାକୁ କଦାପି ବରଦାସ୍ତ କରାଯିବ ନାହିଁ ଏବଂ ମାଟିର ସ୍ୱାର୍ଥ ପାଇଁ ଲଢେଇ ଜୋରଦାର ହେବ ବୋଲି ସତୀଶ କହିଛନ୍ତି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବହୁ ପାହାଡ଼ ଓ ପରିବେଶପ୍ରେମୀ ପାହାଡ଼ ପୂଜାରେ ସାମିଲ ହୋଇଥିଲେ।



## ହାଇୱା ଧକ୍କାରେ ଚାଲିଗଲା ବନପାଳଙ୍କ ଜୀବନ

**ବାରଙ୍ଗ, ନ୍ୟୁଜ୍‌ବ୍ୟୁରୋ**

ବାରଙ୍ଗ ଥାନା ଅନ୍ତର୍ଗତ ମଧୁବନ ନିକଟରେ ଏକ ହାଇୱା ଧକ୍କାରେ ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ବନପାଳ ଦେବେନ୍ଦ୍ର ହୋନାଗା (୪୦) ମୃତ୍ୟୁବରଣ କରିଛନ୍ତି। ଦେବେନ୍ଦ୍ର ସବୁଦିନ ଭଳି ଶନିବାର ରାତିରେ କାମ ସାରି ଚନ୍ଦକାରୁ କଟକ ସିଡିଏ ସ୍ଥିତ ଘରକୁ ସ୍କୁଟର ଯୋଗେ ଫେରୁଥିଲେ। ମଧୁବନ ଗାଁମୁଣ୍ଡ ଠାରୁ ଅଳ୍ପ ଦୂରରେ ପଛପଟୁ ଏକ ଦ୍ରୁତଗାମୀ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଯାହା ଫଳରେ ସେ ହାଇୱାର ଚକତଳକୁ ଚାଲିଆସିବାରୁ ଗାଡ଼ିଚକ ତାଙ୍କ ଉପରେ ଚଢ଼ିଯାଇ ଥିଲା। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇ ଯାଇଥିବା ବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ହାଇୱାଟି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ୨୦୨୩ରେ ବନପାଳ ଭାବେ ପଦୋନ୍ନତି ପାଇ ଗତ ୩ମାସ ତଳେ ଚନ୍ଦକା-ଡମପଡା ଅଭୟାରଣ୍ୟକୁ ବଦଳି ହୋଇ ଯାଇଥିଲେ। ତାଙ୍କର ଏଭଳି ଅକସ୍ମାତ୍ ମୃତ୍ୟୁ ଫଳରେ ନନ୍ଦନକାନନ ଏବଂ ଚନ୍ଦକା ଅଭୟାରଣ୍ୟରେ ଶୋକ ଖେଳି ଯାଇଛି।

## ଲୋଭ ପରିହାର କରି ବିବେକାନୁମୋଦିତ କାର୍ଯ୍ୟ କରିବାକୁ ଆହ୍ୱାନ



**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍‌ଠାରେ ପାଳିତ ହୋଇଯାଇଛି। ଆୟୋଜିତ ଏହି ସାଧାରଣ ସଭାରେ ଅତିରିକ୍ତ ଜିଲ୍ଲାପାଳ ଆଲୋକ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲ୍ଲୀପ କୁମାର ନାୟକ, ଜିଲ୍ଲା ପରିଷଦ କେନ୍ଦୁଝରର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ ଓ ଏସିଏଫ କେ. ନାଗରାଜୁ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସାଧାରଣ ସଭା ପୂର୍ବରୁ ଛାତ୍ରଛାତ୍ରୀ ଏବଂ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କୁ ନେଇ ଏକ ଜନସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବାହାରିଥିବା ଏହି ରାଲିରେ ଶତାଧିକ ଛାତ୍ର ଛାତ୍ରୀ ଏବଂ ସ୍ୱୟଂ ସହାୟକ ମହିଳା ସଦସ୍ୟ ଅଂଶ ଗ୍ରହଣ କରି ଦୁର୍ନୀତି ବିରୋଧୀ ସଚେତନତା ସ୍ଲୋଗାନ ଦେଇ ଶୋଭାଯାତ୍ରା କରିଥିଲେ।

ଆୟୋଜିତ ସଭାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ ଉଦ୍‌ବୋଧନ ଦେଇ ଭାରତୀୟ ସଂସ୍କୃତି କାହିଁ କେଉଁ ଅବାହମାନ କାଳରୁ ସତ୍ୟନିଷ୍ଠ ସଂସ୍କୃତିର ନିଦର୍ଶନ ଦେଇ ଆସୁଥିବା କହିଥିଲେ। ମନୁଷ୍ୟ ନିଜ ଆବଶ୍ୟକତା ପୂରଣକୁ ଗୁରୁତ୍ୱ ନଦେଇ ଲୋଭର ବଶବର୍ତ୍ତୀ ହେବା ଦୁର୍ନୀତିର ମୂଳଦୂଆ ବୋଲି କହିଥିଲେ। ଏହି ଲୋଭକୁ ପରିହାର କରି ବିବେକାନୁମୋଦିତ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ନାୟକ ବ୍ୟକ୍ତିଗତ ସ୍ତରରେ ସତ୍ୟନିଷ୍ଠ ଅଭ୍ୟାସକୁ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ । ଦୁର୍ନୀତି ନିବାରଣ ବିଭାଗ କେନ୍ଦୁଝର ଶାଖା ପକ୍ଷରୁ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ମାନ ଆୟୋଜନ ହୋଇଥିଲା ସେଥିରେ କୃତକାର୍ଯ୍ୟ ଲାଭ କରିଥିବା ଛାତ୍ର ଛାତ୍ରୀଙ୍କୁ ଏହି ସାଧରଣ ସଭାରେ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଅତିଥି ପରିଚୟ ସହ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉଦବୋଧନ ଦେଇଥିଲା ବେଳେ ଭିଜିଲାନ୍ସ ଉପ ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ପୂଜାରୀ ବିଭିନ୍ନ ଦୁର୍ନୀତି ବିରୋଧୀ ଅଭିଯାନ ବାବଦରେ ବିବରଣୀ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟରେ ସ୍ୱଚ୍ଛତା ସଚେତନତା ଅଭିଯାନ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଇଙ୍ଗା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେସନ୍ ତରଫରୁ ସ୍ୱାସ୍ଥ୍ୟରକ୍ଷା ଓ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବଡ଼ସାମନ୍ତରାପୁର ପଞ୍ଚାୟତ ଅନ୍ତର୍ଗତ ସର୍ଦ୍ଦାରଖରିଦାସ୍ଥିତ ଲକ୍ଷ୍ମୀନାରାୟଣ ଶିକ୍ଷାନୁଷ୍ଠାନ ସମୂହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନ୍‌ର ଗୋଷ୍ଠୀ ସଂଯୋଜିକା ଶୁଭଶ୍ରୀ ନାୟକ ଓ ଅଙ୍କିତା ବାରିକ ଅତିଥି ଭାବେ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟରକ୍ଷା ଓ ସ୍ୱଚ୍ଛତାରକ୍ଷା ସମ୍ପର୍କରେ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ବୁଝାଇବା ସହିତ ବ୍ୟାୟମ, ପ୍ରାଣାୟମ, ପ୍ରାକୃତିକ ଜୀବନଚର୍ଯ୍ୟା ଆଦି ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଉକ୍ତ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ସାହୁ ଏବଂ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ଦେଉରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ଜିଲ୍ଲାରେ ବୁଲିଲା ଭୋଟର ସଚେତନତା ରଥ




**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୫ ଉପଲକ୍ଷେ ୨ଗୋଟି ସଚେତନତା ରଥକୁ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ଏହି ରଥ ୨ଟି ଜିଲ୍ଲା ସାରା ପରିକ୍ରମା କରି ନୂତନ ଭୋଟରଙ୍କୁ ପିକରଣ କରିବା, ନାମ ସଂଶୋଧନ କରିବା, ଦୁଇ ଜାଗାରେ ଥିବା ନାମକୁ ଗୋଟିଏ ସ୍ଥାନରୁ ବାଦ ଦେବା, ଭୋଟର ତାଲିକାରେ ଥିବା ଭୁଲ୍ ତଥ୍ୟର ସଂଶୋଧନ କରିବା, ଏକାଧିକ ଜାଗାରେ ଥିବା ଭୋଟରଙ୍କ ନାମକୁ ଗୋଟିଏ ଜାଗାରେ ରଖିବା, ମୃତ ଭୋଟରଙ୍କ ନାମ କାଟିବା, ସ୍ଥାୟୀ ଭାବରେ ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ ଦେବା, ଯୋଗ୍ୟ ହେଉଥିବା ସମ୍ଭାବିତ ଭୋଟର ୧.୧.୨୦୨୫ ସୁଦ୍ଧା ଯୋଗ୍ୟ ସମ୍ଭାବିତ ଭୋଟର (ପରବର୍ତ୍ତୀ ୩ଟି ତାରିଖରେ ପଞ୍ଜିକରଣ କରିପାରିବେ) ଯୋଗ୍ୟ ବ୍ୟକ୍ତିମାନଙ୍କର ବୁଥ୍ ସ୍ତରୀୟ ଅଧିକାରୀ ମାନେ ତଥ୍ୟ ସଂଗ୍ରହ କରିବେ। ଏହି ତଥ୍ୟ ସଂଗ୍ରହ ସମୟରେ ଫର୍ମ-୮ ରେ ନାମ, ତଥ୍ୟ, ଫଟୋ, ଠିକଣା ସଂଶୋଧନ ପାଇଁ ଆବେଦନ କରିପାରିବେ । ଏହି ରଥ ୨ଟି ମାସେ କାଳ ଜିଲ୍ଲା ପରିକ୍ରମା କରି ସମସ୍ତ ଭୋଟର ମାନଙ୍କୁ ସଚେତନ କରିବ ବୋଲି ଜଣାପଡିଛି । ଏହି ରଥ ଉଦ୍‌ଘାଟନ ସମୟରେ ଜିଲ୍ଲାପାଳ ଶ୍ରୀ ପ୍ରଧାନଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନଙ୍କ ସହିତ ରମେଶ ଚନ୍ଦ୍ର ପଣ୍ଡା, ସହାକରୀ ଜିଲ୍ଲାପାଳ ପଲ୍ଲବୀ ପ୍ରିୟଦର୍ଶନୀ ଏବଂ କୁଇନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦୁଝରରେ ଭୋଟର ପଞ୍ଜିକରଣ ପ୍ରକ୍ରିୟା ସମୀକ୍ଷା

**କେନ୍ଦୁଝର, ନ୍ୟୁଜ୍**

ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ପୂର୍ବାହ୍ନରେ ଶ୍ରୀ କର କେନ୍ଦୁଝର ଜିଲ୍ଲାର ବିଶେଷ ଭାବେ ଅନଗ୍ରସର ଜନଜାତି ସମୁହ (ପିଭିଟିଜି) ବହୁଳ ବୁଥ୍ ଗସ୍ତ କରି ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରି ସେମାନଙ୍କୁ ନିର୍ବାଚନ ପ୍ରକ୍ରିୟାରେ ସାମିଲ କରିବା ପାଇଁ ଅଧିକରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଚେତନତା ମାଧ୍ୟମରେ ଅନଗ୍ରସର ଜନଜାତି ସମୂହର ଲୋକ ମାନଙ୍କୁ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ଏହି ଅଧିକାର ସାବ୍ୟସ୍ତ କରି ନିର୍ବାଚନ ପ୍ରକ୍ରିୟାର ବ୍ୟାପକତାକୁ ନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ଅପରାହ୍ନରେ ଜିଲ୍ଲାପାଳଙ୍କ କ୍ଷୁଦ୍ର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଶ୍ରୀ କର ଜିଲ୍ଲାର ନିର୍ବାଚନ ସମ୍ବନ୍ଧୀୟ ନୂତନ ଭୋଟର ପଞ୍ଜିକରଣ କାର୍ଯ୍ୟକ୍ରମର ସ୍ଥିତି ଓ ଅଗ୍ରଗତିର ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଜିଲ୍ଲାର ନୂତନ ଭୋଟର ପଞ୍ଜିକରଣର ସ୍ଥିତି, ଅଗ୍ରଗତି ସହ ମୃତ ଓ ସ୍ଥାନାନ୍ତର ଭୋଟରଙ୍କୁ ତାଲିକାରୁ ବାଦ କରିବା ଉପରେ ବିଶେଷ ଆଲୋଚନା କରିବା ସହ ଜିଲ୍ଲାର ନୂତନ ଭୋଟର ପଞ୍ଜିକରଣକୁ ଧାର୍ଯ୍ୟ ସମୟ ମଧ୍ୟରେ ଶତ ପ୍ରତିଶତ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଉପଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳାଇ, କେନ୍ଦୁଝରଗଡ଼ ପୌରପାଳିକା ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ବିକାଶ ଚନ୍ଦ୍ର ସାହୁ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମୋ ସେବାକେନ୍ଦ୍ର ମାଧ୍ୟମରେ ଲାଇଫ ସାର୍ଟିଫିକେଟ ପାଇଲେ ପେନସନଧାରୀ




**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପ କୋଷାଗାର କାର୍ଯ୍ୟାଳୟ ଠାରେ ବିନା ଶୁଳ୍କରେ ପେନସନ ଉପଭୋକ୍ତାଙ୍କ ବାର୍ଷିକ ଜୀବନ ପ୍ରମାଣପତ୍ର ଦାଖଲ ପାଇଁ ମୋ ସେବା କେନ୍ଦ୍ରର ସହାୟତାରେ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଅବସରରେ ଉପ କୋଷାଗାର ଅଧିକାରୀ ସୁଧାକର କହଁର, ମିନତି କୁମାରୀ ମିଶ୍ର, ତପନ କୁମାର ଦିଗାଳ, ପ୍ରଦୀପ କୁମାର ବେହେରା, ଶରତ କୁମାର ପୂଜାରୀ, ମୋ ସେବା କେନ୍ଦ୍ରର ଜିଲ୍ଲା ପରିଚାଳକ ରାଜେଶ ପାଣିଗ୍ରାହୀଙ୍କ ସମେତ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବାଲିଗୁଡ଼ା ଅଞ୍ଚଳର ବହୁ ପେନସନ ଉପଭୋକ୍ତା ନିଜର ଆଧାର କାର୍ଡ, ପେନସନ ବହି, ବ୍ୟାଙ୍କ ପାସବୁକ ଏବଂ ମୋବଇଲ ନମ୍ବର ସଂଯୋଗ କରି ବିନା ଶୁଳ୍କରେ ସେମାନଙ୍କ ଜୀବନ ପ୍ରମାଣ ପତ୍ର ହାତପାଆନ୍ତାରେ ପାଇପାରିବେ। ମୋ ସେବା କେନ୍ଦ୍ର ମାଧ୍ୟମରେ ପେନସନ ଉପଭୋକ୍ତାଙ୍କ ଘରକୁ ଯାଇ ସେବା ଦେବାର ବ୍ୟବସ୍ଥା ମଧ୍ୟ ରହିଛି। ଏହି ସେବା ପାଇ ନିଜେ ଖୁସିଥିବା କହିଛନ୍ତି ପେନସନଧାରୀମାନେ। ଏହି ସେବା ପାଇବା ଦ୍ୱାରା ନିଜର ସମୟ ବଞ୍ଚିବା ସହିତ ସହଜରେ ବୃଦ୍ଧ, ବୃଦ୍ଧାମାନେ ଘରେ ବସି ଏହି ସେବା ପାଇପାରିବେ ବୋଲି ସମ୍ପୃକ୍ତୀୟମାନେ କହିଛନ୍ତି।

## ୧୦ରୁ ଶ୍ରୀଶ୍ରୀ ରବିଶଙ୍କରଙ୍କ ଓଡ଼ିଶା ଗସ୍ତ : ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ

**ବାରଙ୍ଗ, ନ୍ୟୁଜ୍‌ବ୍ୟୁରୋ**

ବିଶ୍ୱବିଖ୍ୟାତ ମାନବବାଦୀ, ଆଧାମ୍ ଗୁରୁ ତଥା 'ଆର୍ଟ ଅଫ ଲିଭିଂ' ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଶ୍ରୀ ଶ୍ରୀ ରବିଶଙ୍କର ଆସନ୍ତା ୧୦ ନଭେମ୍ବରରୁ ୧୩ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ଏକ ତିନିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ପୂର୍ବଭଳି ଚଳିତ ଥର ମଧ୍ୟ ସେ ରାଜ୍ୟ ଅତିଥି ମାନ୍ୟତା ପାଇଛନ୍ତି। ତାଙ୍କର ଏହି ଗସ୍ତ କାଳରେ ଗୁରୁଦେବ ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ। ସେଥିପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ଛାତ୍ରଛାତ୍ରୀ, ଆର୍ଟ ଅଫ୍ ଲିଭିଂର ସମସ୍ତ ସ୍ୱେଚ୍ଛାସେବୀ ଏବଂ ରାଜ୍ୟବାସୀ ଗୁରୁଦେବଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବାକୁ ଅପେକ୍ଷା କରି ରହିଛନ୍ତି। ନଭେମ୍ବର ୧୦ ତାରିଖ ରବିବାର ଦିନ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଶିକ୍ଷା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏହି ସମ୍ମିଳନୀରେ ବିଭିନ୍ନ ବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଅଂଶ ଗ୍ରହଣ କରିବେ। ଏହି ଐତିହାସିକ ସମ୍ମିଳନୀ ନିଶ୍ଚିତ ଭାବରେ ଶିକ୍ଷାବିତ୍ ମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହେବ ବୋଲି ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଆଶା କରାଯାଉଛି। ଗୁରୁଦେବ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଆଜୀବନ ସଭାପତି ଭାବରେ ନଭେମ୍ବର ୧୦ ତାରିଖ ସନ୍ଧ୍ୟା ସମୟରେ, ଏହାର ଏକାଦଶ ସମାବର୍ତ୍ତନ ଉତ୍ସବର ପୌରୋହିତ୍ୟ କରିବେ। ରାଜନୀତି ଏବଂ ଶିକ୍ଷା କ୍ଷେତ୍ରର ବହୁ ସ୍ୱନାମଧନ୍ୟ ବ୍ୟକ୍ତିବିଶେଷ ଏଥିରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ନଭେମ୍ବର ୧୧ ତାରିଖ ବିଶ୍ୱବିଦ୍ୟାଳୟ ପରିସରରେ ଏକ ରୁଦ୍ର ପୂଜା ଅନୁଷ୍ଠିତ ହେବ। ଏହାପରେ ବିଖ୍ୟାତ ନିବେଶକ ତଥା ଶିଳ୍ପପତି ଟିମ୍ ଡ୍ରାପ୍ପରଙ୍କ ଉପସ୍ଥିତିରେ ଏକ ଧାରାବାହିକ କାର୍ଯ୍ୟକ୍ରମରେ ମଧ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବେ। ସନ୍ଧ୍ୟାରେ ଏକ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହେବ, ଯାହା ସମସ୍ତଙ୍କ ପାଇଁ ନିମନ୍ତ୍ରିତ ହେବ। ପୂଜ୍ୟ ଗୁରୁଦେବଙ୍କ ଗସ୍ତ ପରିପ୍ରେକ୍ଷୀରେ ନଭେମ୍ବର ୮ ଓ ୯ ତାରିଖ ପୁରାତନ ବିଦ୍ୟାର୍ଥୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହେବ। ଏହି ଅବସରରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ବହୁ ଉଚ୍ଚ ପଦ ପଦବୀରେ ଅବସ୍ଥାପିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପୁରାତନ ବିଦ୍ୟାର୍ଥୀମାନେ ଏକାଠି ହେବେ। ଏହାପରେ ନଭେମ୍ବର ୧୨ ତାରିଖ ଗୁରୁଜୀ ଅନ୍ୟ କିଛି କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେବେ। ଏଥି ସହିତ ନଭେମ୍ବର ୧୩ ତାରିଖ ତାଙ୍କର ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଶେଷ ହେବ। ସମ୍ପ୍ରତି ଶ୍ରୀ ଶ୍ରୀ ବିଶ୍ୱ-ବିଦ୍ୟାଳୟର ୫୫ଟି ସ୍ନାତକ, ସ୍ନାତକୋତ୍ତର ଏବଂ ଉପାଧିତ୍ତର ବିଭାଗରେ ଅଢ଼େଇ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଅଧ୍ୟୟନରତ ଅଛନ୍ତି। ଏମାନଙ୍କ ମଧ୍ୟରେ ସାମିଲ ଅଛନ୍ତି ଓଡ଼ିଶା ସମେତ ୨୮ଟି ରାଜ୍ୟ ଏବଂ ୭ଟି ଦେଶର ବିଦ୍ୟାର୍ଥୀ। ଯେଉଁମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ହେଉଛି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ବ୍ରତ। ଉଦ୍ୟମିତା ଏବଂ ସାମଗ୍ରିକ ସ୍ୱାସ୍ଥ୍ୟରକ୍ଷା ଦିଗରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି।



## ବିଶିଷ୍ଟ ଅର୍ଥନୀତିଜ୍ଞଙ୍କ ପରଲୋକରେ ଶୋକ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ସୁପ୍ରତିଷ୍ଠିତ ଅର୍ଥନୀତିଜ୍ଞ, ସୁଲେଖକ, ପ୍ରଧାନମନ୍ତ୍ରୀଙ୍କ ଅର୍ଥ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ତଥା ଗୋଖଲେ ଇନ୍‌ଷ୍ଟିଚ୍ୟୁଟ ଅଫ ପଲିଟିକ୍ସ ଆଣ୍ଡ ଇକୋନୋମିକ୍ସ (ଡିମଡ୍ ୟୁନିଭରସିଟି)ର ପୂର୍ବତନ କୁଳାଧିପତି ବିବେକ ଦେବରୋୟଙ୍କ ପରଲୋକ ହୋଇଯାଇଛି। ତାଙ୍କ ପରଲୋକରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଗଭୀର ଶୋକ ବ୍ୟକ୍ତ କରି ସ୍ୱର୍ଗତ ଦେବରୋଏ ଏକାଧାରରେ ଜଣେ ସୁପ୍ରତିଷ୍ଠିତ ଅର୍ଥନୀତିଜ୍ଞ, ସ୍ତମ୍ଭକାର, ସୁଲେଖକ, ସଂସ୍କାରକ ତଥା ସୁସଂଗଠକ ଥିଲେ ବୋଲି ପ୍ରକାଶ କରି ଭାରତର ଆର୍ଥିକ ସଂସ୍କାର ଓ ବିକାଶ ଦିଗରେ ତାଙ୍କ ଅବଦାନ କେବେ ଭୁଲିବାର ନୁହେଁବୋଲି ମତବ୍ୟକ୍ତ କରିଛନ୍ତି। ହିନ୍ଦ୍ ସେବକ ସଂଘଦ୍ୱାରା ପରିଚାଳିତ ଗୋଖଲେ ଇନ୍‌ଷ୍ଟିଚ୍ୟୁଟ ଅଫ ପଲିଟିକ୍ସ ଆଣ୍ଡ ଇକୋନୋମିକ୍ସ (ଡିମଡ୍ ୟୁନିଭରସିଟି)ର କୁଳାଧିପତି ଭାବେ ତାଙ୍କ କାର୍ଯ୍ୟାବଳି ଉଲ୍ଲେଖନୀୟ ଥିଲା ବୋଲି ସୂଚନାଦେଇ ତାଙ୍କ ଅମର ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବିଶିଷ୍ଟ କଥାକାରଙ୍କ ଜନ୍ମଦିନରେ ସାମୂହିକ ଅଭିନନ୍ଦନ କାର୍ଯ୍ୟକ୍ରମ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି, ଅତିବଡି ପୁରସ୍କାର ପ୍ରାପ୍ତ ବିଶିଷ୍ଟ କଥାକାର ଡ ରାମଚନ୍ଦ୍ର ବେହେରା ୮୦ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଏହି ଉପଲକ୍ଷେ କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ପରିଷଦ ପକ୍ଷରୁ ଏକ ସାମୁହିକ ଅଭିନନ୍ଦନ କାର୍ଯ୍ୟକ୍ରମ ଗୋପ ଛକ ସ୍ଥିତ କମଳ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟ ପରିଷଦ ର ସଭାନେତ୍ରୀ ଡ ଅପର୍ଣ୍ଣା ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଓ ଅଧ୍ୟାପକ ଭୁବନ ମୋହନ ଜେନା ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । ଡ ବେହେରାଙ୍କ ପ୍ରିୟ ଛାତ୍ର ବିଧାୟକ ଶ୍ରୀ ବେହେରା ନିଜ ବକ୍ତବ୍ୟରେ ଛାତ୍ର ଜୀବନର ଅଭୁଲା ସ୍ମୃତି ଉପରେ ଆଲୋକପାତ କରିଥିବା ବେଳେ ଅଧ୍ୟାପକ ଡ ତପନ କୁମାର ପତି ଶ୍ରୀଯୁକ୍ତ ବେହେରାଙ୍କ ସାମଗ୍ରିକ ସାହିତ୍ୟ କୃତି ଉପରେ ସମୀକ୍ଷାତ୍ମକ ବକ୍ତବ୍ୟ ରଖିଥିଲେ। ସାହତ୍ୟ ପରିଷଦର ସଂପାଦକ ସରୋଜ କୁମାର ମହାନ୍ତି ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କବି ରମେଶ ପ୍ରତାପ, ଅକ୍ଷୟ ପାଣି, ଜାହିର ଖାନ, ଡ ସର୍ବେଶ୍ୱର ସେଣ, ପ୍ରମୋଦ ତ୍ରିପାଠୀ, ପୂର୍ବତନ ବ୍ଲକ ଚେୟାରମ୍ୟାନ ସରୋଜ ସାହୁ, ରବୀନ୍ଦ୍ର ରଥ, କବି ନବଜ୍ୟୋତି ରାୟ, ଅବନ୍ତୀ ବେହେରା, କରୁଣାକର ସାହୁ, ଆଦିକନ୍ଦ ରାଉଳ, ଅଜୟ ସାମଲ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପବିତ୍ର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# 'ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି'

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଦୁର୍ନୀତି ଏପରି ଏକ ବିଷବୃକ୍ଷ ଯାହା ଦେଶ ତଥା ରାଜ୍ୟର ପ୍ରଗତି ପଥରେ ସାଜିଛି ପ୍ରତିବନ୍ଧକ। ତେଣୁ ଓଡିଶା ସରକାରଙ୍କ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅକ୍ଟୋବର ୨୮ତାରିଖ ଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏଥିପାଇଁ ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। 'ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି' ମୂଳମନ୍ତ୍ରରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ, ଜଗତସିଂହପୁର, ଅମରେନ୍ଦ୍ର ଦାସ ଉପସ୍ଥିତ ସମସ୍ତଙ୍କୁ ଦୁର୍ନୀତିକୁ ପ୍ରଶ୍ରୟ ନଦେଇ ସମସ୍ତଙ୍କ ସହଯୋଗରେ ଏହାକୁ ବିରୋଧ କରିବାକୁ କହିଥିଲେ। ବର୍ତ୍ତମାନ ସରକାରଙ୍କ ତରଫରୁ ସମସ୍ତ କାର୍ଯ୍ୟ ଅନଲାଇନ ଜରିଆରେ ହେଉଥିବାରୁ ସ୍ୱଚ୍ଛତା ଆସି ପାରିଛି। ତେଣୁ ସମସ୍ତଙ୍କର ସହଯୋଗରେ ତଥା ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ପାରିଲେ ଏକ ଦୁର୍ନୀତିମୁକ୍ତ ସମାଜ ଗଠନ ହୋଇପାରିବ ବୋଲି ଶ୍ରୀ ଦାସ କହିଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ ସଚେତନତା ଓ ସହଭାଗିତା ଦ୍ୱାରା ଦୁର୍ନୀତିମୁକ୍ତ ସମାଜ ଗଠନ ସମ୍ଭବ ବୋଲି କହିଥିଲେ। ସଭାରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ. ସୋନାଲ କହିଲେ ଯେ, ଦୁର୍ନୀତି ଏକ ବିକୃତ ମାନସିକତା ଏବଂ ସ୍ୱଚ୍ଛତା ଓ ସତ୍ୟନିଷ୍ଠତା ହିଁ ସମାଜରେ ପରିବର୍ତ୍ତନ ଆଣିପାରିବ। ପ୍ଲାଟୋ, ମାର୍କସଙ୍କ ଆଦର୍ଶର ଉଦାହରଣକୁ ଦୃଷ୍ଟାନ୍ତ କରି ଚାରିତ୍ରିକ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ ଜିଲ୍ଲାପାଳ। ସମସ୍ତଙ୍କ ସହଯୋଗରେ ସଙ୍କୋଚତାର ସହିତ ଆମର ଭବିଷ୍ୟତ ପୀଢି ପାଇଁ ଏକ ଦୁର୍ନୀତିମୁକ୍ତ ସୁସ୍ଥ ସମାଜ ଗଠନ ନିମନ୍ତେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସର୍ବଦା ସତ୍ ପଥରେ ଯିବାପାଇଁ ଜିଲ୍ଲାପାଳ ଉପଦେଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା ଦୁର୍ନୀତି ନିବାରଣ ଓ ସାମାଜକୁ ସଚେତନ କରିବା ପ୍ରତ୍ୟେକଙ୍କର କର୍ତ୍ତବ୍ୟ ତେଣୁ ସଜାଗ ଓ ସତର୍କ ରହି, ସତ୍ୟନିଷ୍ଠ ଦାୟିତ୍ୱ ପାଳନ ଦ୍ୱାରା ଦୁର୍ନୀତି ନିବାରଣ ହୋଇପାରିବ ବୋଲି ଶ୍ରୀ ଉଦ୍‌ଗାତା କହିଥିଲେ। ପୌର ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ମଧ୍ୟ ଦୁର୍ନୀତିକୁ ଏକ ବ୍ୟାଧି ରୂପେ ଅଭିହିତ କରି ସଚେତନତାକୁ ଏହାର ପ୍ରତିକାର ବୋଲି କହିଥିଲେ। ସଭାରେ ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ସତ୍ୟନିଷ୍ଠ ସାଧୁତା ହିଁ ଦୁର୍ନୀତି ମୂଳ ଉତ୍ପାଟନ କରିବା ନିମନ୍ତେ ସହାୟକ ବୋଲି କହିଥିଲେ। ଶେଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଆୟୋଜିତ ବିଦ୍ୟାଳୟଓ ମହାବିଦ୍ୟାଳୟ ସ୍ତରୀୟ ଓଡ଼ିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ପରିପ୍ରେକ୍ଷୀରେ ଆଜି ସକାଳ ୮ ଟାରେ ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ପତାକା, ଡିପିଓ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଦୁର୍ନୀତି ନିବାରଣ ବିଭାଗର ଉପ ଆରକ୍ଷୀ ଅଧିକ୍ଷକ ଅନୁପମା ସାହୁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଡିପିସି, ମିଶନ ଶକ୍ତି, ଡିପିଏମ, ଓଏଲଏମ, ଜିଲ୍ଲା ସଂସ୍କୃତି ଅଧିକାରୀ, ଭିଜିଲାନ୍ସ ଇନିସପେକ୍ଟର ସିଦ୍ଧାର୍ଥ କୁମାର ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ, ମିଶନ ଶକ୍ତି ମହିଳା, ଏନ୍.ସି.ସି ସ୍କାଉଟ ଗାଇଡ୍ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଏହି ଶୋଭାଯାତ୍ରାରେ ଯୋଗଦେଇଥିଲେ। ପରେ ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ମୁଖ୍ୟ ଡାକଘର ସମ୍ମୁଖରେ ବାଣୀକ୍ଷେତ୍ର ନାଟ୍ୟ ପରିଷଦ ଜଗତସିଂହପୁର ଦ୍ୱାରା ଏକ ଦୁର୍ନୀତି ନିବାରଣ ସଚେତନତାଧର୍ମୀ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇ ଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଶନ ଶକ୍ତି ମହିଳା ମାନଙ୍କ ଦ୍ୱାରା ଦୁର୍ନୀତି ନିବାରଣ ସଚେତନତା ବିଷୟ ସମ୍ବଳିତ ରଙ୍ଗୋଲି ପ୍ରଦର୍ଶିତ ହୋଇଥିଲା। ଆୟୋଜିତ ଏହି ସଭାରେ ଦୁର୍ନୀତି ନିବାରଣ ବିଭାଗର ଉପ ଆରକ୍ଷୀ ଅଧିକ୍ଷକ ଅନୁପମା ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକ-ସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ସୁଭାଷ କୁମାର ରାଉତ ସଭା ପରିଚାଳନା କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ବିଭିନ୍ନ ବିଭାଗର ଅଧିକାରୀ, ସ୍କୁଲ କଲେଜର ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ବିଦେଶ ମୁଦ୍ରା ଭଣ୍ଡାରରେ ବଡ଼ ହ୍ରାସ

ପୁଣିଥରେ ଭାରତରେ ବୈଦେଶିକ ମୁଦ୍ରା ଭଣ୍ଡାରରେ ତୀବ୍ର ହ୍ରାସ ଦେଖିବାକୁ ମିଳିଛି। ବୈଦେଶିକ ମୁଦ୍ରା ଭଣ୍ଡାରରେ ୫ ବିଲିୟନ ଡଲାର ହ୍ରାସ ଘଟି ୫୯୩.୯୦ ବିଲିୟନ ଡଲାରରେ ହୋଇଛି। ଏହା ୧ ସେପ୍ଟେମ୍ବର ଶେଷ ସପ୍ତାହରେ, ବୈଦେଶିକ ମୁଦ୍ରା ଭଣ୍ଡାର ୫୯୮.୮୯୭ ବିଲିୟନ ଡଲାରରେ ରହିଥିଲା। ଆରବିଆଇ ଫୋରେକ୍ସ ରିଜର୍ଭ ଡାଟାରୁ ଏହି ସୂଚନା ମିଳିଛି।

ସୂଚନା ଅନୁଯାୟୀ ବିଦେଶୀ ମୁଦ୍ରା ନୁହେଁ, ଏହି ସମୟ ଅବଧିରେ ବିଦେଶୀ ମୁଦ୍ରା ସମ୍ପତ୍ତି (ଫରେନ କରେନ୍ସି ଆସେଟ୍ସ) ୪.୨୬ ବିଲିୟନ ଡଲାରକୁ ହ୍ରାସ ପାଇଛି। ୫୫୪ ମିଲିୟନ ଡଲାର ହ୍ରାସ ସହିତ ସୁନା ଭଣ୍ଡାର ୪୪.୩୮ ବିଲିୟନ ଡଲାରରେ ପହଞ୍ଚିଛି । ଆଇଏମ୍‌ଏଫ୍‌ର ଭଣ୍ଡାରରେ ୩୯ ମିଲିୟନ ଡଲାର ହ୍ରାସ ପାଇଛି।

ଶୁକ୍ରବାର ଦିନ ମୁଦ୍ରା ବଜାରରେ ଡଲାର ତୁଳନାରେ ଟଙ୍କାରେ ମୂଲ୍ୟରେ ବଡ ହ୍ରାସ ହୋଇଛି। ଗୋଟିଏ ଡଲାର ତୁଳନାରେ ଭାରତୀୟ ମୁଦ୍ରା ମୂଲ୍ୟ ୮୩.୧୭ ଟଙ୍କା ହୋଇଛି । ଗତ କିଛି ଦିନ ହେବ ଟଙ୍କା ତୁଳନାରେ କ୍ରମାଗତ ଭାବେ ଡଲାର ମଜବୁତ ହୋଇଥିଲା। ବିଦେଶୀ ପୁଞ୍ଜି ନିବେଶକାରୀଙ୍କର ଶେୟାର ବିକ୍ରି ଏବଂ ଡଲାରର କ୍ରମାଗତ ମଜବୁତ ହେତୁ ଟଙ୍କା ଦୁର୍ବଳ ହୋଇଛି ବୋଲି କୁହାଯାଉଛି।

ଏହି ସମୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି । ବ୍ୟାରେଲ ପିଛା ୯୪ ଡଲାର ଅତିକ୍ରମ କରିଛି । ଅଶୋଧିତ ତୈଳ କିଣିବା ପାଇଁ ସରକାରୀ ତୈଳ କମ୍ପାନୀଗୁଡିକୁ ଅଧିକ ଡଲାର ଖର୍ଚ୍ଚ କରିବାକୁ ପଡିବ। ଏପରି ପରିସ୍ଥିତିରେ ଡଲାରର ଚାହିଦା ବୃଦ୍ଧି ହେତୁ ବୈଦେଶିକ ମୁଦ୍ରା ଭଣ୍ଡାର ଆହୁରି ହ୍ରାସ ହୋଇପାରେ।

ତେବେ ବୈଦେଶିକ ମୁଦ୍ରା ଭଣ୍ଡାର ପୁଣି ୬୦୦ ବିଲିୟନ ଡଲାର ସ୍ତରରୁ ଖସି ଆସିଛି । ଅକ୍ଟୋବର ୨୦୨୧ରେ ବୈଦେଶିକ ମୁଦ୍ରା ସଂରକ୍ଷଣ ୬୪୫ ବିଲିୟନ ଡଲାର ସ୍ତରରେ ପହଞ୍ଚିଥିଲା। ଏହାପରେ, ୟୁକ୍ରେନ-ଋଷ ଯୁଦ୍ଧ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ଏବଂ ନିବେଶକଙ୍କ ବିକ୍ରୟ ହେତୁ ବୈଦେଶିକ ମୁଦ୍ରା ସଂରକ୍ଷଣ ୫୨୬ ବିଲିୟନ ଡଲାର ସ୍ତରକୁ ଖସି ଆସିଥିଲା।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ହେ ଭଗବାନ**
ଗଢିବା ଭାଙ୍ଗିବା
ସବୁ ତୁମରି ଇଚ୍ଛା
ମିଛେ ଖାଲି ଭକ୍ତେ
କରୁଛୁ ପରୀକ୍ଷା
ହେ ଭଗବାନ
ଏହି କି ତୁମ୍ଭର ଲୀଳା ଦୁନିଆଁ
**ଭଗବାନ**

ଆତ୍ମାକୁ ବହୁ କଷ୍ଟ ଦେଲି
ନିଜ ଠାକୁର ନଚିହ୍ନିଲି (୧୦୦)
ଏପରି ମନଦୁଃଖ କରି
ଶୋଇଲି ବୃକ୍ଷ ଆଶ୍ରା କରି
(୧୦୧)
ଆତ୍ମାକୁ କଷ୍ଟ ହେଲା ଯେଣୁ
ଆତ୍ମାରୁ ବାଣୀ ହେଲା ତେଣୁ
(୧୦୨)
ଅନ୍ତର ବାହାରେ ଅନନ୍ତ
ମୁଁ ସବସ୍ତ ଭୂତରେ ଉଦିତ (୧୦୩)

ତୋ ହୃଦ କମଳେ ମୁଁ ଅଛି
ନାମ ଅନନ୍ତ ପ୍ରକାଶୁଛି (୧୦୪)
ଏ ନାମ ହୃଦେ ତୁହି ଧରି
ଘୋର ସଂସାରୁ ହୁଅ ପାରି
(୧୦୫)

ଜୀବ ଜଗତ ମଧ୍ୟେ ଥାଇ
ଅନନ୍ତ ନାମ ଅଭିବାଇ (୧୦୬)

ଜାଣଇ ନାହିଁ ଦୁଃଖ ସୁଖ
ଜାଣଇ ନାହିଁ ଯୋଗ ଭୋଗ
(୧୦୭)

ଜାଣଇ ନାହିଁ ମନ୍ତ୍ର ଯନ୍ତ୍ର
ଜାଣଇ ନାହିଁ ମୁହିଁ ତନ୍ତ୍ର (୧୦୮)

କେବଳ ନାମ ମୋ ଭରସା
ଅନନ୍ତ ଛଡା ନାହିଁ ଆଶା (୧୦୯)

ବୁଝୁ ନ ବୁଝୁ ଏ ଜଗତ
କେବଳ ସାକ୍ଷୀ ମୋ ଅନନ୍ତ
(୧୧୦)

ଏ ଭାବେ ଜୀବନ କାଟୁଛି
ଅଭି ନ ଜାଣେ ଆନ କିଛି
(୧୧୧)

ସେ ଦିନୁ ଭକ୍ତ ଆତଜାତ
ଯେଣୁ ଅଛନ୍ତି ଶ୍ରୀ ଅନନ୍ତ (୧୧୨)

ଭକତ ଭଗବାନ ଖେଳ
ଭାବରେ ଖାଲି ମୁହିଁ ଭୋଳ
(୧୧୩)

ଯେଉଁଠି ପ୍ରଭୁ ଶ୍ରୀ ଅନନ୍ତ
ମୁହିଁ ତ ସେଠାରେ ନିମିତ୍ତ
(୧୧୪)

ଭକତ ଭାବେ ଭାବଗ୍ରାହୀ
ଉଚିତ ଫଳ ଦେବେ ସେହି (୧୧୫)

ବିଚାର କଉସା ମୋର ପ୍ରଭୁ
ଭାବ ଅଭାବ ସେହି ସବୁ (୧୧୬)
ସବସ୍ତ ସମର୍ପିସ ବସି ଅଛି
ନାମ କେବଳ ହୃଦେ ଅଛି(୧୧୭)

ଅନନ୍ତ ନାମ ସାକ୍ଷୀ ରଖି
ଭକତ ନାବ ବାହୁ ଅଛି (୧୧୮)
ମୁଁ ମୂଢ ଅଜ୍ଞାନୀ କୁନର
କରେ ନି ପ୍ରଭୁଙ୍କୁ ଜୁହାର (୧୧୯)

ଜାଣେନି ଦାସ ଭାବ ମୁହିଁ
ଜାଣିନି ଭଗବାନ କାହିଁ (୧୨୦)

ପ୍ରଚାର ପ୍ରସାର ଜାଣିନି
ଧୂପ ନୈବେଦ୍ୟ ମୁଁ ଜାଣିନି(୧୨୧)

ଅନ୍ତର ଆତ୍ମାରେ ଭଜୁଛି
କେବଳ ଭକ୍ତିରେ ଡାକୁଛି (୧୨୨)

ବିଶ୍ୱାସ ଫୁଲମାଳ ଧରି
ଡାକୁଛି ଆହେ ବଂଶଧାରୀ (୧୨୩)

ଶାନ୍ତିର ଜଳ ହୃଦେ ରଖି
ଦେଉଛି ଆହେ ନନ୍ଦବସ୍ତି (୧୨୪)

ଶ୍ରଦ୍ଧାର ଫଳ ତୋତେ ଦେଇ
ଭକ୍ତିରେ ନୈବେଦ୍ୟ କରଇ (୧୨୫)

ଆଉମୋ ପାଶେ କିଛି ନାହିଁ
ରଖିଲେ ରଖ ଭାବଗ୍ରହୀ (୧୨୬)

ଏଥିରେ ଯଦି ତୁ ଆନନ୍ଦ
ତୋ ଭକ୍ତ ରଖ ଆଦିକନ୍ଦ (୧୨୭)

(କ୍ରମଶଃ)

# ଷ୍ଟାଟୋହେପାଟାଇଟିସ୍ ବିଷୟରେ ସାଧାରଣ ଜ୍ଞାନ ଓ ନିରାକରଣ (୩)



ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର–୭
ମୋ : ୭୦୦୮୩୧୯୭୭୪

ପରିବେଶ ପ୍ରଦୂଷଣ ଏବଂ ଯକୃତ ଜନିତ ରୋଗ ମଧ୍ୟରେ କି ସମ୍ପର୍କ ଅଛି ସେ ସମ୍ପର୍କରେ ପୂର୍ବଥର ଆମେ ତର୍ଜମା କରିଥିଲୁ। ଯକୃତ ଉପରେ ପଡୁଥିବା ବିଭିନ୍ନ ଚାପର ଉଦାହରଣ ଦେଇ କିପରି ବାୟୁ ପ୍ରଦୂଷଣ ଓ କେତେକ ରାସାୟନିକ ପଦାର୍ଥ ତଥା ଅନ୍ତଃସ୍ରାବ ଗ୍ରନ୍ଥି (ଏଣ୍ଡୋକ୍ରାଇନ୍) କୁ ବ୍ୟାଘାତ କରୁଥିବା ରାସାୟନିକ , କୀଟନାଶକ ଏବଂ ପର-
ଏବଂ ପଲିଫ୍ଲୋରୋଆକିଲ୍ ପଦାର୍ଥ ଭାଇରାଲ୍ ହେପାଟାଇଟିସ୍ ଇତ୍ୟାଦି କରିବାରେ ସହଯୋଗ କରେ ସେ ବିଷୟରେ ଚର୍ଚ୍ଚା କରିଥିଲୁ। ଏହା ଯୋଗୁଁ ଯକୃତର ବିଷାକ୍ତତା ବଢିବା ଏକ ଚିନ୍ତାର ବିଷୟ। ଆମେ ସେଥିରେ ବର୍ଣ୍ଣନା କରିଥିଲୁ ଯେ ମୁଖ୍ୟତଃ ଦୁଇଟି ମୁଖ୍ୟ ପ୍ରକାରର ଷ୍ଟାଟୋହେପାଟାଇଟିସ୍ ଅଛି: ଅଣ- ମଦ୍ୟପ ବା ନନ୍-ଆଲକୋହଲିକ୍ ଷ୍ଟାଟୋହେପାଟାଇଟିସ୍ (NASH) ମଦ୍ୟପାନକାରୀ ବା ଆଲକୋହଲିକ୍ ଷ୍ଟାଟୋହେପାଟାଇଟିସ୍ (ASH)। ପ୍ରଥମ ଟି ବିଷୟରେ ସାମାନ୍ୟ ସୂଚନା ଦିଆଯାଇଥିଲା। ଆଜି ମଦ୍ୟପାନକାରୀ ବା ଆଲକୋହଲିକ୍ ଷ୍ଟାଟୋହେପାଟାଇଟିସ୍ (ASH) ର କାରଣ, ନିରାକରଣ ଏବଂ ଚିକିତ୍ସା ଅଧିକ ଜାଣିବା। ମଦ୍ୟପାନକାରୀ ଷ୍ଟାଟୋହେପାଟାଇଟିସ୍, ଯାହାକୁ ପ୍ରାୟତଃ ମଦ୍ୟପ ହେପାଟାଇଟିସ୍ କୁହାଯାଏ, ସ୍ଥାୟୀ ଏବଂ ଅତ୍ୟଧିକ ମଦ୍ୟପାନ ଦ୍ୱାରା ଯକୃତର ଏକ ଗୁରୁତର ଅବସ୍ଥା ସୃଷ୍ଟି ହୁଏ। ଏହା ଯକୃତର ପ୍ରଦାହକୁ ଅନ୍ତର୍ଭୁକ୍ତ କରେ, ଯାହା କ୍ଷତି ଏବଂ କ୍ଷତ ସୃଷ୍ଟି କରିଥାଏ ଏବଂ ଫ୍ୟାଟି ଲିଭର ଏବଂ ସିରୋସିସ୍ ସହିତ ମଦ୍ୟପାନ ଯକୃତ ରୋଗର ଅନ୍ୟତମ ଗୁରୁତର ରୂପ ଭାବରେ ବିବେଚନା କରାଯାଏ । ମଦ୍ୟପାନ ହେପାଟାଇଟିସ୍ ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ, ବିଶେଷତଃ ପରିଣତ ଅବସ୍ଥାରେ ପ୍ରାୟତଃ ତୁରନ୍ତ ଚିକିତ୍ସା ଆବଶ୍ୟକ କରେ। ମଦ୍ୟପାନକାରୀ ହେପାଟାଇଟିସ୍‌ର ମୂଳ କାରଣ ହେଉଛି ଅଭ୍ୟାସଗତ ମଦ୍ୟପାନ । ଯକୃତର କ୍ଷତି ଘଟାଇବା ପାଇଁ ଆବଶ୍ୟକ ହେଉଥିବା ମଦ୍ୟପାନର ପରିମାଣ, ଅବଧି, ଆନୁବଂଶିକ ସ୍ଥିତି, ସାମଗ୍ରିକ ସ୍ୱାସ୍ଥ୍ୟ, ଖାଦ୍ୟ ଏବଂ ବ୍ୟକ୍ତିଗତ ମଦ୍ୟପାନ ସହନଶୀଳତା କାରଣରୁ ପ୍ରତି ବ୍ୟକ୍ତିଙ୍କ ସ୍ଥାନରେ ଭିନ୍ନ ଭିନ୍ନ ହୋଇପାରେ । ମୁଖ୍ୟ କାରଣ ହେଲା: ମଦ୍ୟପାନର ବିଷାକ୍ତତା – ଯକୃତ ହେଉଛି ମଦ୍ୟପାନର ମେଟାବୋଲିଜିମ୍ ପାଇଁ ପ୍ରାଥମିକ ସ୍ଥାନ । ମେଟାବୋଲିଜିମ୍ ସମୟରେ ମଦ୍ୟପାନକୁ ଆସିଟାଲଡିହାଇଡରେ ବିଭକ୍ତ କରିଥାଏ ଯାହା ଏକ ବିଷାକ୍ତ ଯୌଗିକ ଏବଂ ଯକୃତ କୋଷକୁ କ୍ଷତି ପହଞ୍ଚାଏ, ଯାହା ଦ୍ୱାରା ପ୍ରଦାହ ଏବଂ ଦାଗ ଦେଖାଯାଏ । ଅକ୍ସିଡେଟିଭ୍ ଚାପ: ମଦ୍ୟପାନ ମେଟାବୋଲିଜିମ୍ ଯକୃତ କୋଷରେ ପ୍ରତିକ୍ରିୟାଶୀଳ ଅମ୍ଳଜାନ ପ୍ରଜାତି (ROS) ଉତ୍ପାଦନକୁ ବଢାଇଥାଏ, ଯାହାଦ୍ୱାରା ଅକ୍ସିଡେଟିଭ୍ ଚାପ ଏବଂ ଯକୃତ କୋଷିକା ଗୁଡିକରେ ଅଧିକ କ୍ଷତି ହୋଇଥାଏ । ପ୍ରତିରକ୍ଷା ପ୍ରତିକ୍ରିୟା: ମଦ୍ୟପାନ ଏବଂ ଏହାର ଉପାଦାନଗୁଡ଼ିକ ଯକୃତରେ ରୋଗ ପ୍ରତିରୋଧକ ପ୍ରତିକ୍ରିୟା ସୃଷ୍ଟି କରିପାରେ । ଏହି ପ୍ରଦାହଜନକ ପ୍ରତିକ୍ରିୟା ସାଇଟୋକାଇନ୍ସ (ପ୍ରଦାହରେ ଜଡିତ ପ୍ରୋଟିନ୍) ମୁକ୍ତ କରିଥାଏ, ଯାହା ଯକୃତ କୋଷର ଆଘାତରେ ସହାୟକ ହୋଇଥାଏ । ପୁଷ୍ଟିକର ଖାଦ୍ୟର ଅଭାବ: ଭାରୀ ମଦ୍ୟପାନ ଦ୍ୱାରା ଅନେକ ସମୟରେ ପୁଷ୍ଟିକର ଖାଦ୍ୟର ଅଭାବ ଦେଖାଯାଏ, ବିଶେଷତଃ ଯକୃତ ସ୍ୱାସ୍ଥ୍ୟ ପାଇଁ ଭିଟାମିନ୍ ଏବଂ ଖଣିଜ ପଦାର୍ଥ ଆବଶ୍ୟକ । ଉଦାହରଣ ସ୍ୱରୂପ, ଭିଟାମିନ୍ ବି, ଭିଟାମିନ୍ ଡି, ଫୋଲିକ୍ ଏସିଡ୍ ଏବଂ ଅନ୍ୟାନ୍ୟ ପୋଷକ ତତ୍ତ୍ୱର ଅଭାବ ଯକୃତର ପ୍ରଦାହକୁ ନଷ୍ଟ କରିପାରେ । ଲିଙ୍ଗ ଏବଂ କୌଳିକ ଗୁଣ: ଦେଖାଯାଇଛି ଯେ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କ ଠାରେ ମଦ୍ୟପାନକାରୀ ହେପାଟାଇଟିସ୍ ହେବାର ଆଶଙ୍କା ଅଧିକ । କୌଳିକ ଗୁଣ ଏବଂ ଏହାର ଭିନ୍ନତା ମଧ୍ୟ ଏକ ଭୂମିକା ଗ୍ରହଣ କରିଥାଏ । ଯକୃତର କ୍ଷତି ପାଇଁ କେତେକ ବ୍ୟକ୍ତିଙ୍କ କ୍ଷେତ୍ରରେ ମଦ୍ୟପାନରୁ କୌଳିକ ଗୁଣକୁ ଅଧିକ ଗୁରୁତ୍ୱ ଦିଆଯାଏ। ଆନୁସଙ୍ଗିକ ଅବସ୍ଥା: ମେଦବହୁଳତା, ହେପାଟାଇଟିସ୍ (ସି) ର ସଂକ୍ରମଣ ଏବଂ ମେଟାବୋଲିକ୍ ସିଣ୍ଡ୍ରୋମ ଭଳି ଅବସ୍ଥା ମଦ୍ୟପାନ ହେପାଟାଇଟିସ୍ ରୋଗୀଙ୍କଠାରେ ଯକୃତର କ୍ଷତି ବଢାଇପାରେ। ମଦ୍ୟପାନକାରୀ ହେପାଟାଇଟିସ୍ ରୋଗ ନିର୍ଣ୍ଣୟ କରିବା ଏକ କଷ୍ଟକର ବ୍ୟାପାର ହୋଇପାରେ କାରଣ ଏହାର ଲକ୍ଷଣଗୁଡ଼ିକ ଅନ୍ୟ ଯକୃତ ରୋଗ ସହିତ ପ୍ରାୟତଃ ସମାନ ହୋଇଥାଏ। ରୋଗ ନିର୍ଣ୍ଣୟ ସାଧାରଣତଃ ଡାକ୍ତରୀ ଇତିହାସ, ଶାରୀରିକ ପରୀକ୍ଷା, ରକ୍ତ ପରୀକ୍ଷା, ଇମେଜିଙ୍ଗ ଅଧ୍ୟୟନ ଏବଂ କେତେକ କ୍ଷେତ୍ରରେ ଯକୃତ ବାୟୋପ୍ସିର ମିଶ୍ରଣକୁ ଅନ୍ତର୍ଭୁକ୍ତ କରେ । ଡାକ୍ତରୀ ଇତିହାସ ଏବଂ ଶାରୀରିକ ପରୀକ୍ଷା: ଡାକ୍ତରମାନେ ରୋଗୀର ମଦ୍ୟପାନର ଇତିହାସକୁ ମୂଲ୍ୟାଙ୍କନ କରନ୍ତି, ଏହାର ଅବଧି, ଆବୃତ୍ତି ଏବଂ ପରିମାଣ ଇତ୍ୟାଦି। ଶାରୀରିକ ପରୀକ୍ଷା ସମୟରେ ଯକୃତ ରୋଗର ଲକ୍ଷଣ ମଧ୍ୟରେ ଜଣ୍ଡିସ୍ (ଚର୍ମ ଏବଂ ଆଖି ହଳଦିଆ), ହେପାଟୋମେଗାଲୀ (ବର୍ଦ୍ଧିତ ଯକୃତ), ଆସାଇଟ୍ସ (ପେଟ ଭିତରେ ତରଳପଦାର୍ଥର ଗଢିଉଠିବା) ଏବଂ ପୁଷ୍ଟିହୀନତାର ଲକ୍ଷଣ ଅନ୍ତର୍ଭୁକ୍ତ ହୋଇପାରେ । ରକ୍ତ ପରୀକ୍ଷା: ଲିଭର ଫଙ୍କସନ୍ ଟେଷ୍ଟ୍ (LFTs): ଯକୃତର ଏନଜାଇମ୍ ଯେପରିକି ଆସପାର୍ଟେଟ୍ ଆମିନୋଟ୍ରାନ୍ସଫେ଼ଜ୍ (AST) ଏବଂ ଆଲାନାଇନ୍ ଆମିନୋଟ୍ରାନ୍ସଫେ଼ଜ୍ (ALT) ର ପରିମାଣ ବଢିଯିବା ଇତ୍ୟାଦି। ମଦ୍ୟପାନକାରୀ ଯକୃତ ରୋଗରେ AST ସ୍ତର ସାଧାରଣତଃ ALT ଠାରୁ ଅଧିକ । ସଂପୂର୍ଣ୍ଣ ରକ୍ତ ଗଣନା (ସିବିସି): ଯକୃତର ଅସୁବିଧା ହେତୁ ଶ୍ୱେତ ରକ୍ତକଣିକା ଏବଂ ପ୍ଲେଟଲେଟ୍ସ କମ ରହିବା ଏକ ସାଧାରଣ କଥା। ବିଲିରୁବିନ ସ୍ତର: ଉଚ୍ଚ ସ୍ତରର ବିଲିରୁବିନ ଯକୃତର ଅସୁବିଧାକୁ ସୂଚାଇପାରେ, ପ୍ରାୟତଃ ଜଣ୍ଡିସ୍ ଭାବରେ ଦେଖାଯାଏ । ପ୍ରୋଥ୍ରୋମ୍ବିନ ଟାଇମ୍ (PT): ଏହି ପରୀକ୍ଷଣରେ ରକ୍ତ ଜମାଟ ବାନ୍ଧିବା ପାଇଁ କେତେ ସମୟ ଲାଗେ ତାହା ଜଣାଯାଏ । ଯକୃତର ସମସ୍ୟା ମଧ୍ୟ ଦୁର୍ବଳତା ଜମାଟ ବାନ୍ଧିବା ସମୟ ସହିତ ଅନେକଟା ନିର୍ଭର କରେ। ଆଲବୁମିନ ସ୍ତର: ଯକୃତ ଦ୍ୱାରା ଉତ୍ପାଦିତ ଏହା ଏକ ପ୍ରୋଟିନ। ନିମ୍ନ ସ୍ତରର ଆଲବୁମିନ, ଯକୃତର କାର୍ଯ୍ୟ ହ୍ରାସ ହୋଇଥିବା ଦର୍ଶାଏ। ଇମେଜିଙ୍ଗ୍ ଷ୍ଟଡିଜ୍: ଅଲଟ୍ରାସାଉଣ୍ଡରେ ଯକୃତର ବୃଦ୍ଧି, ଚର୍ବି ଜମା କିମ୍ବା ଅନ୍ୟାନ୍ୟ ଗଠନମୂଳକ ପରିବର୍ତ୍ତନ ଦେଖାଯାଏ। ସିଟି ସ୍କାନ୍ କିମ୍ବା ଏମଆରଆଇ: ଏଗୁଡ଼ିକ ଯକୃତର ଅଧିକ ବିସ୍ତୃତ ଚିତ୍ର ପ୍ରଦାନ କରିଥାଏ, ଯକୃତ ଟ୍ୟୁମର ପରି ଅନ୍ୟ ଅବସ୍ଥାକୁ ଏଡ଼ାଇବାରେ ସାହାଯ୍ୟ କରେ । ଫାଇବ୍ରୋସ୍କାନ୍ (କ୍ଷଣସ୍ଥାୟୀ ଏଲାଷ୍ଟୋଗ୍ରାଫି): ଏହି ଅଣ-ଆକ୍ରମଣକାରୀ ପରୀକ୍ଷା ଯକୃତର କଠିନତାକୁ ମାପ କରିଥାଏ, ଯାହା ଯକୃତରେ ଫାଇବ୍ରୋସିସ୍ (ଦାଗ) ସହିତ ଜଡିତ । ଲିଭର ବାୟୋପ୍ସି: ରୋଗ ନିର୍ଣ୍ଣୟ କରିବା ଏବଂ ପ୍ରଦାହ ଏବଂ ଫାଇବ୍ରୋସିସ୍‌ର ପରିମାଣ ଆକଳନ କରିବା ପାଇଁ କେତେକ କ୍ଷେତ୍ରରେ ଏକ ଯକୃତ ବାୟୋପ୍ସି କରାଯାଏ । ବାୟୋପ୍ସି ମଦ୍ୟପାନ ହେପାଟାଇଟିସକୁ ଅନ୍ୟ ଯକୃତ ରୋଗରୁ ପୃଥକ କରିପାରେ ଏବଂ କ୍ଷତିର ଗମ୍ଭୀରତା ନିର୍ଣ୍ଣୟ କରିପାରିବ। ମଦ୍ୟପାନକାରୀ ଷ୍ଟାଟୋହେପାଟାଇଟିସର ଚିକିତ୍ସା ଓ ଅନ୍ୟାନ୍ୟ ବିଷୟରେ ଆର ଥରକୁ ଚର୍ଚ୍ଚା କରିବା।

# ବ୍ୟକ୍ତିଗତ କାରଣ



ନିରଞ୍ଜନ ସାହୁ
ମୋ : ୯୪୩୮୪୮୨୯୧୧
(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ବରିଷ୍ଠ ଅଧିକାରୀ)

ଏ ବର୍ଷ ଭାରତୀୟ ନିର୍ବାଚନ କମିଶନର ଶ୍ରୀଯୁକ୍ତ ଗୋଏଲ ତାଙ୍କ ପଦବୀରୁ ଅପ୍ରତ୍ୟାଶିତ ଭାବରେ ଇସ୍ତଫା ଦେଇ ବହୁ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ତାଙ୍କର ଇସ୍ତଫାପତ୍ରରେ ସେ ବ୍ୟକ୍ତିଗତ କାରଣ ଦର୍ଶାଇ ତୁରନ୍ତ ଅବ୍ୟାହତି ନେବାକୁ ଅନୁରୋଧ କରିଥିଲେ ଏବଂ ମହାମହିମ ରାଷ୍ଟ୍ରପତିଙ୍କ ତାହା ସ୍ୱୀକାର କରିବା ପରେ ଏହି ଖବର ଲୋକଲୋଚନକୁ ଆସିଛି । ଦୁଇମାସ ଭିତରେ ସମଗ୍ର ଭାରତବର୍ଷରେ ସାଧାରଣ ନିର୍ବାଚନ ହେବାକୁ ଥିଲାବେଳେ ନିର୍ବାଚନ କମିଶନରଙ୍କର କାର୍ଯ୍ୟ ଉପରେ ସାରା ଦେଶର ଦୃଷ୍ଟି ରହିବା ସ୍ୱାଭାବିକ । ଶ୍ରୀଯୁକ୍ତ ଗୋଏଲ ମହୋଦୟ ଭାରତୀୟ ପ୍ରଶାସନିକ ସେବାରୁ ଇସ୍ତଫା ଦେଇ ଦାୟିତ୍ୱମୁକ୍ତ ହେବାର ପରଦିନ ନିର୍ବାଚନ କମିଶନର ପଦବୀରେ ନିଯୁକ୍ତି ପାଇଥିବାରୁ ଲୋକମାନେ ତାଙ୍କର ନିଯୁକ୍ତିକୁ ସନ୍ଦେହ ଦୃଷ୍ଟିରେ ଦେଖିଥିଲେ। ହଠାତ୍ ତାଙ୍କର ନିର୍ବାଚନର ଅବ୍ୟବହିତ ପୂର୍ବରୁ ଅବ୍ୟାହିତ ହେବା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି କହିଲେ ଚଳେ, ବିଶେଷତଃ ଶ୍ରୀଯୁକ୍ତ ଗୋଏଲଙ୍କ କାର୍ଯ୍ୟକାଳ ଆହୁରି ସାଢ଼େ ତିନିବର୍ଷରୁ ଅଧିକ ଥିଲା ଏବଂ ସେ ଆଉ ବର୍ଷେ ପରେ ମୁଖ୍ୟ ନିର୍ବାଚନ କମିଶନର ହୋଇଥାନ୍ତେ । ପାର୍ଲିଆମେଣ୍ଟ ଓ ବିଧାନସଭା ସ୍ତରରେ ହେଉଥିବା ନିର୍ବାଚନକୁ ସରକାରୀ ନିୟନ୍ତ୍ରଣରୁ ମୁକ୍ତି ଓ ଅବାଧ ରଖି ନିରପେକ୍ଷ ଭାବରେ ପରିଚାଳନା କରିବା ପାଇଁ ଭାରତୀୟ ସମ୍ବିଧାନରେ ନିର୍ବାଚନ କମିଶନର ପରି ସ୍ୱାଧୀନ ଅନୁଷ୍ଠାନର ପ୍ରାବଧାନ ରହିଛି। ପ୍ରଥମେ ସାରା ଦେଶରେ ଜଣେ ନିର୍ବାଚନର କମିଶନର ଥିଲେ। ମାନ୍ୟବର ଟି.ଏନ୍ ଶେଷାନ ମୁଖ୍ୟ ନିର୍ବାଚନ କମିଶନର ଥିଲାବେଳେ ଏତେ କଡ଼ାକଡ଼ି ଭାବରେ ନିର୍ବାଚନ ପରିଚାଳନା କରିଥିଲେ ଯେ ଯାହା ଫଳରେ ସାଧାରଣ ଜନତାଙ୍କର ଅଜସ୍ର ଶ୍ରଦ୍ଧା ଓ ସମର୍ଥନ ଲାଭ କରିଥିଲେ; ମାତ୍ର କ୍ଷମତାସୀନ ରାଜନେତାମାନଙ୍କର କ୍ରୋଧ ଓ ବିରକ୍ତିର ଶିକାର ହୋଇଥିଲେ । ଯାହାଫଳରେ ତତ୍କାଳୀନ ସରକାର ତାଙ୍କର ପଦମର୍ଯ୍ୟାଦା ହ୍ରାସ କରିବା ପାଇଁ ଜଣେ ମୁଖ୍ୟ ନିର୍ବାଚନ କମିଶନର ଜାଗାରେ ତିନିଜଣିଆ ନିର୍ବାଚନ କମିଶନର ବ୍ୟବସ୍ଥା କଲେ ଏବଂ ସେମାନଙ୍କ ମଧ୍ୟରୁ ସର୍ବାଧିକ ବରିଷ୍ଠ ଅଧିକାରୀଙ୍କୁ ମୁଖ୍ୟ ନିର୍ବାଚନ କମିଶନର ବୋଲି କୁହାଗଲା । ମାନ୍ୟବର ସୁପ୍ରିମକୋର୍ଟ ବିଭିନ୍ନ ସମୟରେ ନିର୍ଦ୍ଦେଶନାମା ଜାରି କରି ନିର୍ବାଚନ କମିଶନଙ୍କର ଦାୟିତ୍ୱ ଓ କ୍ଷମତା ନିର୍ଦ୍ଧାରଣ କରିଛନ୍ତି। ଆମର ଆଲୋଚ୍ୟ ବିଷୟଟି ହେଲା ନିର୍ବାଚନ କମିଶନର ପରି ଏତେ ଗୁରୁତ୍ୱପୂର୍ଣ୍ଣ ଓ ଦାୟିତ୍ୱପୂର୍ଣ୍ଣ ପଦବୀରେ ଆସୀନ ଜଣେ ମାନ୍ୟବର କିପରି ନିର୍ବାଚନର ପୂର୍ବରୁ ନିଜର ଦାୟିତ୍ୱରୁ ଅପସରିଗଲେ ତାହା ପୁଣି ଏକ ବ୍ୟକ୍ତିଗତ କାରଣକୁ ଦ୍ୱାହି ଦେଇ। ସେ ଯେତେ ତାଙ୍କର ଦରଖାସ୍ତରେ ବ୍ୟକ୍ତିଗତ କାରଣ ଲେଖିଲେ ମଧ୍ୟ ଦେଶବାସୀଙ୍କର ଧାରଣା କିଛି ଗୁରୁତ୍ୱପୂର୍ଣ୍ଣ କାରଣ ହୁଏତ ରହିଛି ଯାହା ସେ ଖୋଲିବାକୁ ଚାହିଁଲେ ନାହିଁ। ସାମ୍ବିଧାନିକ ପଦବୀରେ ଯେଉଁମାନେ ଅଧିଷ୍ଠିତ ହୋଇଥାନ୍ତି ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ନେବାକୁ ପଡ଼ିଥାଏ । ଅର୍ଥାତ୍ ସେମାନେ ସେମାନଙ୍କ ପଦବୀ ସମ୍ପର୍କିତ ଗୋପନୀୟ ତଥ୍ୟକୁ ସାର୍ବଜନୀନ କରିବେ ନାହିଁ । ଏଇ ଆଧାରରେ ହୁଏତ ମହାଶୟ ତାଙ୍କର ଇସ୍ତଫାପତ୍ରରେ ଉଲ୍ଲିଖିତ କାରଣ ବ୍ୟକ୍ତିଗତ ବୋଲି ଲେଖିଥାଇପାରନ୍ତି। ବିଭିନ୍ନ ଗଣମାଧ୍ୟମରେ କେହି କେହି ସାମ୍ବାଦିକ ଆଲୋଚନା ବେଳେ କହନ୍ତି – ଦେଶକୁ ଏହା ଜାଣିବାର ଅଧିକାର ଅଛି, ଦେଶର ଲୋକମାନଙ୍କର ତାହାହିଁ ଅଧିକାର। ଯଦି କଥାଟି ସେଇଆ କୌଣସି ଗଣମାଧ୍ୟମରେ ଯେ ବିଷୟରେ ବିଶେଷ ଚର୍ଚ୍ଚା ହେଲାନାହିଁ କାହିଁକି – ତାହା ମଧ୍ୟ ଚିନ୍ତାର ବିଷୟ । ସାମ୍ବିଧାନିକ ପଦବୀରେ ଥିବା ଅଧିକାରୀମାନଙ୍କୁ ଶାସକବର୍ଗ ସବୁବେଳେ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହାନ୍ତି । ସେମାନଙ୍କୁ ଅବସର ପରେ ପୁନଃନିଯୁକ୍ତିର ଲୋଭ ବେଳେବେଳେ ଦେଖାନ୍ତି ଏବଂ ଅବସର ପରେ ସେମାନଙ୍କର କିଛି ପ୍ରମାଦ ଭୁଲ୍ ଭଟକାକୁ ବିଭ୍ରାନ୍ତିକର ସ୍ତରକୁ ନେବାକୁ ମଧ୍ୟ ପ୍ରଯତ୍ନ କରିପାରନ୍ତି। ଏହି କାରଣରୁ ସାମ୍ବିଧାନିକ ପଦବୀରେ ଥାଇବି ଅନେକ ନିରାପଦ ମଣନ୍ତି ନାହିଁ । ଏପଟରେ ହୁଏତ ତାଙ୍କୁ କିଛି ଅନୈତିକ କାର୍ଯ୍ୟ କରିବାକୁ ଚାପ ପଡୁଥିବ, ସେପଟରେ ବିବେକ ତାକୁ ଗ୍ରହଣ କରୁନଥିବ । ସର୍ବସାଧାରଣରେ ତାକୁ ପ୍ରକାଶ କରିବା ପାଇଁ ପର୍ଯ୍ୟାପ୍ତ ସୁବିଧା ନ ଥିବ । ଏପରି ସ୍ଥଳେ ବିଚରା ଲୋକଟି ବ୍ୟକ୍ତିଗତ କାରଣ ଦର୍ଶାଇ ନିଜର ଘରକୁ ବାହୁଡ଼ି ଯିବ ନାହିଁତ କଣ କରିବ ଯେ! ମନେ ପକାନ୍ତୁ କିଛି ବର୍ଷ ତଳେ ମାନନୀୟ ସୁପ୍ରିମକୋର୍ଟର ଚାରିଜଣ ବରିଷ୍ଠ ବିଚାରପତି ସମ୍ମିଳିତ ଭାବରେ ଗୋଟିଏ ପ୍ରେସ୍ କନ୍‌ଫରେନ୍ସ କରି ତତ୍‌କାଳୀନ ମୁଖ୍ୟ ବିଚାରପତିଙ୍କ କିଛି ଏକପାଖିଆ ନିଷ୍ପତ୍ତି ବିରୋଧରେ ବର୍ଷିଥିଲେ; ମାତ୍ର ଏକୁଟିଆ କହିବାକୁ ବୋଧହୁଏ ସାହସ ଜୁଟାଇ ପାରିନଥିଲେ । ଏଇଭଳି ଅନେକ ସମୟରେ ହୁଏତ ଅଧସ୍ତନ ଉପରେ ବହୁ ଅନ୍ୟାୟ ଆଦେଶ ଲଦି ଦିଆଯାଉଥିବ ଯାହାକୁ ସେ ହୃଦୟରେ ଗ୍ରହଣ କରିପାରୁନଥିବ ଅଥଚ ମୁହଁ ଖୋଲି କହିପାରୁନଥିବ । ଆମ ସମ୍ବିଧାନରେ ପ୍ରଦତ୍ତ ସ୍ୱାଧୀନ ଚିନ୍ତା ଓ ତାର ପ୍ରକାଶର ଅଧିକାରକୁ ସାବ୍ୟସ୍ତ କରିବା ଏତେ ସହଜ ନୁହେଁ ବୋଧହୁଏ। ଆଉ ବଡ଼ କଥାଟିଏ ହେଲା ଅନେକ କଥା ରହିଯାଏ ନେପଥ୍ୟରେ ଯାହାକି ପ୍ରକୃତରେ ଇତିହାସର ବିଷୟବସ୍ତୁ ତାହା କ୍ୱଚିତ୍ ବାହାରକୁ ଆସିପାରେ । ଏଇ ବିଡ଼ମ୍ବନାକୁ କ'ଣ ଅତିକ୍ରମ କରିହେବ? ନିର୍ବାଚନ କମିଶନର କୌଣସି ମାମୁଲି ପଦପଦବୀ ନୁହେଁ । କୌଣସି ଗଣତାନ୍ତ୍ରିକ ଦେଶର ପରିଚିତିରେ ଏହି ଅନୁଷ୍ଠାନର ସ୍ୱତନ୍ତ୍ର ସାମ୍ବିଧାନିକ ଉପସ୍ଥିତ ରହିଛି । ଯଦିଓ ସରକାରଙ୍କ ତରଫରୁ ନିର୍ବାଚନ କମିଶନର ନିଯୁକ୍ତ ହେଉଛନ୍ତି, ନିଯୁକ୍ତି ପାଇବା ପରେ ସେମାନେ ସାମ୍ବିଧାନିକ ଦାୟିତ୍ୱ ତୁଲାନ୍ତି । ତାଙ୍କର ଦାୟିତ୍ୱ କ୍ଷମତାସୀନମାନଙ୍କୁ ସନ୍ତୁଷ୍ଟ କରିବା ନୁହେଁ ବରଂ ଦେଶ ଓ ଏହାର ଭବିଷ୍ୟତ ପ୍ରତି ନିଜର ଉତ୍ତର ଦାୟିତ୍ୱ ପାଳନ କରିବା । ନିକଟରେ ଘଟିଯାଇଥିବା ଘଟଣାଟି ସାମୟିକ ଭାବରେ ଦେଶର ବିବେକକୁ ବାଧିଛି ନିଶ୍ଚିତ ଏବଂ ଏହିପରି ଘଟଣା ଦେଶର ଗଣତନ୍ତ୍ର ପ୍ରତି ଧକ୍‌କା ସଦୃଶ । ନିର୍ବାଚନ ଦାୟିତ୍ୱରେ ଥିବା ଯେକୌଣସି ଅଧିକାରୀ କେବଳ ନିରପେକ୍ଷ ହେବା ଯେତିକି ଦରକାର ସାଧାରଣ ଲୋକଙ୍କ ଦୃଷ୍ଟିରେ ତାଙ୍କର ନିରପେକ୍ଷତା ସେତିକି ପ୍ରତିଫଳିତ ହେବା ମଧ୍ୟ ସେତିକି ଆବଶ୍ୟକ। ନିକଟରେ ଚଣ୍ଡିଗଡ଼ ମେୟର ନିର୍ବାଚନରେ ନିର୍ବାଚନ ଅଧିକାରୀଙ୍କ କଳାକାରନାମା ଏକ ଜାତୀୟ ଲଜ୍ଜା ନୁହେଁତ ଆଉ କ'ଣ? ଯେଉଁମାନେ ତାଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ ସେମାନଙ୍କୁ ବି ଆଇନର ପଞ୍ଝା ଭିତରକୁ ନେବା ଦରକାର। ଅନେକ ସମୟରେ ବ୍ୟକ୍ତିଗତ କାରଣ ଦର୍ଶାଇ ବହୁ କଥା ଲୁଚାଇ ରଖାଯାଏ – ତାହା ଲୋକଲୋଚନକୁ ଆସେ ନାହିଁ ଆମ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ (Right to Privacy) ବ୍ୟକ୍ତିଗତ ଗୋପନୀୟତାକୁ ସମ୍ବିଧାନ ପ୍ରଦତ୍ତ Right to life and libertyର ଅନ୍ତର୍ଭୁକ୍ତ ବୋଲି ନିର୍ଣ୍ଣୟ ଦେଇଛନ୍ତି; ମାତ୍ର ଯାହା ଦେଶର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଲୁଚାଇ ଦେଇପାରେ ତାହାକୁ ବ୍ୟକ୍ତିଗତ ଗୋପନୀୟତା କିମ୍ବା ବ୍ୟକ୍ତିଗତ ବ୍ୟାପାର ବୋଲି ଧରିବା ଉଚିତ ହେବ କି ? ଏହା ଉପରେ ବିତର୍କ ହେବା ଆବଶ୍ୟକ।

# ରାଷ୍ଟ୍ରୀୟ ଏକତା



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

ଈଶ୍ୱରଙ୍କ ଏହି ମଧୁମୟ ସୃଷ୍ଟିରେ କେହି କାହାରିଠାରୁ ଭିନ୍ନ ନୁହଁନ୍ତି । ସମସ୍ତେ ଏକତାର ମହାମନ୍ତ୍ରରେ ବନ୍ଧା । ବେଳେବେଳେ ମାନବ ସମାଜ ଏକତାର ମହାମନ୍ତ୍ରକୁ ଭୁଲିଯାଇ ଆପଣାଉଛି ହିଂସାର ମାର୍ଗ। ଅତୀତରେ ଏହି ଏକତାର ଅଭାବରୁ ଏ ଭାରତଭୂମି ପରାଧୀନତାର ଶୃଙ୍ଖଳରେ ଆବଦ୍ଧ ହୋଇଥିଲା । ଗ୍ରୀକ, ଶକ, ହୁଣ, କୁଶାଣ, ମୋଗଲ ସମ୍ରାଟ ଭାରତକୁ ବହୁବାର ଆକ୍ରମଣ କରି ଲୁଟି ନେଇଥିଲେ ଅନେକ ଧନ ସମ୍ପତ୍ତି। ଶେଷରେ ବିଦେଶୀ ଇଂରେଜ ଜାତି ଭାରତୀୟ ମାନଙ୍କ ମଧ୍ୟରେ ଏକତାର ଅଭାବର ସୁଯୋଗ ନେଇ ଶତାଧିକ ବର୍ଷ ଲୁଣ୍ଠିତ କରି ରଖିଥିଲେ । ପୁଣି ଏକତାର ଅପ୍ରତିହତ ଶକ୍ତି ବଳରେ ଭାରତ ସ୍ୱାଧୀନତା ଲାଭ କଲା । ସେଥିପାଇଁ ଇଂରାଜୀରେ କୁହାଯାଇଛି ।

"United we stand divided we fall"

ଭାରତ ଆଜି ଯେଉଁ ଅଖଣ୍ଡତାକୁ ନେଇ ଗର୍ବ କରୁଛି ତାହାର କର୍ଣ୍ଣଧାର ହେଉଛନ୍ତି ଲୌହ ମାନବ ସର୍ଦ୍ଦାର ଭଲଭଭାଇ ପଟେଲ । ଅଖଣ୍ଡ ଆଧୁନିକ ଭାରତର ନିର୍ମାତା, ପ୍ରଥମ ଉପପ୍ରଧାନମନ୍ତ୍ରୀ, ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଲୌହ ମାନବ ସର୍ଦ୍ଦାର ଭଲଭଭାଇ ପଟେଲ ୧୮୭୫ ମସିହା ଅକ୍ଟୋବର ୩୧ ତାରିଖରେ ଗୁଜୁରାଟର କ୍ଷୁଦ୍ର ଗ୍ରାମ ନାଡିୟାଡ଼ର ସାଧାରଣ କୃଷକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ଜନ୍ମତିଥିକୁ ୨୦୧୪ ମସିହାରୁ 'ରାଷ୍ଟ୍ରୀୟ ଏକତା ଦିବସ' ରୂପେ ପାଳନ କରାଯାଉଛି । ସେ ଜଣେ ମହାନ ବ୍ୟକ୍ତି ଯିଏକି ବିଖଣ୍ଡ ଭାରତକୁ ଏକତ୍ର କରି ଅଖଣ୍ଡ ଭାରତ ବର୍ଷରେ ପରିଣତ କରିଥିଲେ । ୧୯୪୭ ମସିହାର ପ୍ରଥମାର୍ଦ୍ଧ ଭାରତ ଇତିହାସ ପାଇଁ ଥିଲା ଏକ ସଂକଟମୟ ସମୟ । ବିଦେଶୀ ଶାସନର ଅନ୍ତଃ ଘଟିଥିଲେ ମଧ୍ୟ ଭାରତର ଅଖଣ୍ଡତା ପ୍ରତି ବିପଦ ରହିଥିଲା । ଦେଶର ରାଜନୈତିକ ଅବସ୍ଥା ସଙ୍କଟଜନକ ପରିସ୍ଥିତି ଦେଇ ଗତି କରୁଥିବାବେଳେ ଉପ ପ୍ରଧାନମନ୍ତ୍ରୀ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ ସର୍ଦ୍ଦାର ପଟେଲଙ୍କ ଦୃଢ଼ ନେତୃତ୍ୱ ଏବଂ ନିଷ୍ପତ୍ତି ଅଖଣ୍ଡ ଭାରତ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଗୁଜୁରାଟର ଗୋଟିଏ ସାଧାରଣ ପରିବାରରୁ ଆସିଥିବା ସର୍ଦ୍ଦାର ପଟେଲ ସ୍ୱାଧୀନ ଭାରତର ଜଣେ ମହାନ ଜନନେତା ହୋଇପାରିଥିଲେ। ତାଙ୍କର ଦୃଢ଼ ନେତୃତ୍ୱ ବଳରେ ଭାରତ ସହିତ ୫୬୫ଟି ସ୍ୱାଧୀନ ଗଡ଼ଜାତ ରାଜ୍ୟ ମିଶିଥିଲେ । ସ୍ୱାଧୀନତା ସମୟରେ ବିନା ରକ୍ତପାତରେ ଭାରତର ପ୍ରାୟ ସମସ୍ତ ରାଜ୍ୟଗୁଡ଼ିକୁ ଏକାଠି କରିବା, ତାଙ୍କର ଦକ୍ଷତାର ପ୍ରମାଣ ଦିଏ । ତାଙ୍କର ଏହି ବଳିଷ୍ଠ ଅବଦାନ ନିମିତ୍ତ ତାଙ୍କୁ 'ଲୌହ ମାନବ'ର ଉପାଧି ମିଳିଥିଲା । ସ୍ୱାଧୀନତା ପରବର୍ତ୍ତୀ ସମୟରେ ସେ ଅଳ୍ପ ଦିନ ବଞ୍ଚିଥିଲେ । ସେହି ସୀମିତ ଅବଧି ମଧ୍ୟରେ ଦେଶୀୟ ରାଜ୍ୟ ଗୁଡିକର ସମ୍ମିଶ୍ରଣରେ ସର୍ଦ୍ଦାର ପଟେଲ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ଦେଶର ଏକତା କ୍ଷେତ୍ରରେ ପଟେଲଙ୍କ ଯୋଗଦାନକୁ ମନେରଖିବାପାଇଁ ଗୁଜୁରାଟର ନର୍ମଦା ନଦୀ ତଟରେ ତାଙ୍କର ୧୮୨ ମିଟର ଉଚ୍ଚତାର ଏକ ବିଶାଳ ପ୍ରତିମୂର୍ତ୍ତି 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ସ୍ଥାପନ କରାଯାଇଛି। ଲୌହ ମାନବ ସର୍ଦ୍ଦାର ବଲଭଭାଇ ପଟେଲ ଥିଲେ ଜଣେ ବିଶ୍ୱାସୀ ସଚ୍ଚୋଟ ମଣିଷ । ଭାରତର କୃଷକ, ଶ୍ରମିକ, ଦରିଦ୍ର ଜନସାଧାରଣ ସମସ୍ତେ ତାଙ୍କ ଉପରେ ଅତୁଟ ବିଶ୍ୱାସ ରଖିଥିଲେ । ସମଗ୍ର ମାନବଜାତି ମଧ୍ୟରେ ଶାନ୍ତି, ଏକତା ଏବଂ ଅଖଣ୍ଡତାର ସର୍ବଶ୍ରେଷ୍ଠ ପ୍ରଚାରକ ଥିଲେ ଲୌହ ମାନବ ସର୍ଦ୍ଦାର ବଲଭଭାଇ ପଟେଲ । ଯେଉଁ ସମୟରେ ଅନେକ ଦେଶୀୟ ରାଜ୍ୟ ବିଭାଜିତ ହୋଇଥିଲା, ସେହି ସମୟରେ ସ୍ୱର୍ଗତ ପଟେଲ ଅଖଣ୍ଡ ଭାରତର ପରିକଳ୍ପନା କରିଥିଲେ। ଇତିହାସରେ 'ଭାରତର ଏକତାକାରୀ' ଭାବେ ପରିଚିତ ଥିଲେ ସର୍ଦ୍ଦାର ପଟେଲ। ଏହି ଦିବସ ଲୌହ ମାନବ ସର୍ଦ୍ଦାର ଭଲଭଭାଇ ପଟେଲ ଓ ଅନ୍ୟମାନଙ୍କ ଦ୍ୱାରା ଦେଶକୁ ଏକଜୁଟ କରିବା ପାଇଁ ହୋଇଥିବା ସଂଗ୍ରାମକୁ ମନେ ପକାଇ ଦେଇଥାଏ। ଏହା ଏକତାକୁ ସୁଦୃଢ଼ କରିବା ସହ 'ବିବିଧତା ମଧ୍ୟରେ ଏକତା'ର ଭାବନାକୁ ପ୍ରୋତ୍ସାହିତ କରେ ଏବଂ ଜାତୀୟ ଅଖଣ୍ଡତା ବଜାୟ ରଖିବାକୁ ଗୁରୁତ୍ୱାରୋପ କରିଥାଏ। ଭାରତ ପରି ବିବିଧତାପୂର୍ଣ୍ଣ ଦେଶରେ ଲୋକମାନଙ୍କ ମଧ୍ୟରେ ଏକତାକୁ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଭାରତ ହେଉଛି ଏକ ଗଣତାନ୍ତ୍ରିକ, ସାର୍ବଭୌମ, ସମାଜବାଦୀ ଏବଂ ଧର୍ମ ନିରପେକ୍ଷ ରାଷ୍ଟ୍ର । ଏହି ବିଶାଳ ଭୂଖଣ୍ଡରେ ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ସମ୍ପ୍ରଦାୟର ଲୋକ ବାସ କରନ୍ତି । ଏହି ବିବିଧତା ମଧ୍ୟରେ ଏକତା ଭାରତର ପରିଚୟ ଅଟେ । ଏହି ଏକତା ହିଁ ଭାରତକୁ ଅଦ୍ୱିତୀୟ କରିଛି । ଏହି ବିଶାଳ ଭୂଖଣ୍ଡକୁ ଏକତା ସୂତ୍ରରେ ବାନ୍ଧି ରଖିବା ସମସ୍ତଙ୍କର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ । ଆମ ରାଷ୍ଟ୍ରକୁ ପ୍ରଗତି ପଥରେ ଆଗେଇ ନେବାକୁ ହେଲେ ସାମ୍ପ୍ରଦାୟିକ ସଦ୍ଭାବକୁ ବଜାୟ ରଖିବାକୁ ହେବ । ବିଶ୍ୱରେ ଶାନ୍ତି ଓ ସଦ୍ଭାବ ପ୍ରତିଷ୍ଠା ଲାଗି ବିଶ୍ୱସମୁଦାୟ ମଧ୍ୟରେ ଏକତାର ଆବଶ୍ୟକତା ରହିଛି । ଏକତା ଓ ଅଖଣ୍ଡତାର ପ୍ରତୀକ ଭାବେ ସାରା ବିଶ୍ୱରେ ଭାରତ ଉଦାହରଣ ସାଜିଛି । ଏକ ଶାନ୍ତ ସମୃଦ୍ଧ ମାନବ ସମାଜପାଇଁ ଭାରତ ଯୁଗଯୁଗ ଧରି ବିଶ୍ୱକୁ ଦିଗଦର୍ଶନ ଦେଇଛି । ଏକତାର ଅଭାବରୁ ସାରା ବିଶ୍ୱରେ ଅଶାନ୍ତି ଦେଖାଦେଇଛି । ସନ୍ତ୍ରାସବାଦୀ ଏବଂ ଆତଙ୍କବାଦୀ ଗୋଷ୍ଠୀ ସାରା ବିଶ୍ୱରେ ଅଶାନ୍ତ ପରିବେଶ ସୃଷ୍ଟିକରି ସେଥିରୁ ଫାଇଦା ନେବାପାଇଁ ଚକ୍ରାନ୍ତ କରୁଛନ୍ତି । ଯାହା ଫଳରେ ସାରା ବିଶ୍ୱରେ ଏବେ ଅଶାନ୍ତ ଏବଂ ଭୟର ବାତାବରଣ ସୃଷ୍ଟି ହୋଇଛି । ବିଶ୍ୱରେ ଶାନ୍ତି ଓ ସଦ୍ଭାବ ବଜାୟ ରଖିବାଲାଗି ବିଶ୍ୱ ସମୁଦାୟ ମଧ୍ୟରେ ଏକତାର ଆବଶ୍ୟକତା ରହିଛି । ବିଭିନ୍ନ ରାଷ୍ଟ୍ର ମାନଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ ରହିଲେ ବିଶ୍ୱରେ ଶାନ୍ତି ଫେରିପାରିବ ଏବଂ ପ୍ରଗତି ସମ୍ଭବ ହୋଇପାରିବ । ଦେଶରେ ଏକତା ଓ ଅଖଣ୍ଡତାକୁ ବଜାୟ ରଖିବାକୁ ହେଲେ ସର୍ଦ୍ଦାର ବଲଭଭାଇ ପଟେଲଙ୍କ ନୀତିକୁ ଅପଣାଇବାକୁ ପଡିବ । ସମଗ୍ର ମାନବଜାତି ଏକତା ରଜ୍ଜୁରେ ବାନ୍ଧିହେଲେ ପରସ୍ପର ପ୍ରତି ସ୍ନେହ, ପ୍ରେମ ଭାତୃଭାବ ଜାଗ୍ରତ ହେବ ଯାହାଫଳରେ ଦେଶ ଉନ୍ନତି ଏବଂ ପ୍ରଗତି ପଥରେ ଅଗ୍ରସର ହୋଇପାରିବ । ସମଗ୍ର ମାନବ ଜାତି ଯଦି ଏକତା ଓ ଅଖଣ୍ଡତାକୁ ଅନୁସରଣ କରିବେ ତେବେ ତାହାହିଁ ହେବ ଲୌହ ମାନବ ସର୍ଦ୍ଦାର ବଲଭଭାଇ ପଟେଲଙ୍କ ମହନୀୟ କୃତି ଓ ଦେଶଭକ୍ତିପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy    E-mail : sambadkalikanews@gmail.com    City Office : Qtr No.-4R-12, Unit-IX (Flat), Bhubaneswar, Pin-751022    ସମ୍ପାଦକ : ଜୟାଶୀଷ ରାୟ

# ପରାଜୟରୁ ଆରମ୍ଭ ହେଲା ରିଜୱାନଙ୍କ କ୍ୟାପ୍ଟେନ୍ସି : ଅଷ୍ଟ୍ରେଲିଆଠୁ ୨ ୱିକେଟ୍‌ରେ ହାରିଲା ପାକିସ୍ତାନ

**ମେଲବର୍ଣ୍ଣ**

କ୍ୟାପ୍ଟେନ ବଦଳିଥିଲେ ହେଁ ଦିନିକିଆରେ ବଦଳିନି ପାକିସ୍ତାନର ଭାଗ୍ୟ। ମହମ୍ମଦ ରିଜୱାନଙ୍କ କ୍ୟାପ୍ଟେନ୍ସିରେ ପାକିସ୍ତାନ ପ୍ରଥମ ଥର ପାଇଁ ଦିନିକିଆ ମ୍ୟାଚ୍ ଖେଳୁଥିବା ବେଳେ ଦଳକୁ ହାରିବାକୁ ପଡ଼ିଛି। ସୋମବାର ପାକିସ୍ତାନକୁ ୨ ୱିକେଟରେ ହରାଇ ଦେଇଛି ଅଷ୍ଟ୍ରେଲିଆ। ମେଲବର୍ଣ୍ଣ ଗ୍ରାଉଣ୍ଡରେ ଖେଳା ଯାଉଥିବା ପ୍ରଥମ ଦିନିକିଆକୁ ଜିତି ଘରୋଇ ଅଷ୍ଟ୍ରେଲିଆ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ୧–୦ରେ ଆଗୁଆ ହୋଇଯାଇଛି।

ବିଶ୍ୱକପ ପରେ ବାବାର ଆଜମ କ୍ୟାପ୍ଟେନ ପଦରୁ ଇସ୍ତଫା ଦେବା ପରେ ନିକଟରେ ମହମ୍ମଦ ରିଜୱାନଙ୍କୁ ଏହି ପଦ ମିଳିଥିଲା। ସେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍‌ରୁ ନିଜର କ୍ୟାପ୍ଟେନ୍ସି ଆରମ୍ଭ କରିଛନ୍ତି। ହେଲେ ପ୍ରଥମ ମ୍ୟାଚ୍‌ରେ ଦଳକୁ ହାରିବାକୁ ପଡ଼ିଛି। ଏଥିସହ ଅଷ୍ଟ୍ରେଲିଆ ମାଟିରେ ୭ ବର୍ଷ ହେଲା ପ୍ରଥମ ବିଜୟ ପାଇଁ ପାକିସ୍ତାନ କରିଥିବା ଅପେକ୍ଷା ଆହୁରି ଲମ୍ବିଛି। ଦଳ ଶେଷଥର ପାଇଁ ସମାନ ଗ୍ରାଉଣ୍ଡରେ ୨୦୧୭ ଜାନୁଆରୀ ୧୫ରେ ଜିତିଥିଲା। ସେବେଠାରୁ ପାକିସ୍ତାନ କୌଣସି ଦିନିକିଆ ମ୍ୟାଚ୍ ଅଷ୍ଟ୍ରେଲିଆ ମାଟିରେ ଜିତିବାକୁ ସକ୍ଷମ ହୋଇନାହିଁ।

ଅଷ୍ଟ୍ରେଲିଆ ଦମ୍‌ଦାର ବିଜୟ ସହ ପାକିସ୍ତାନ ବିପକ୍ଷରେ ନିଜର ଦିନିକିଆ ସିରିଜ୍ ଅଭିଯାନ ଆରମ୍ଭ କରିଛି। ଅଧିନାୟକ ପାଟ୍ କମିନ୍ସ ମ୍ୟାଚ୍ ବିଜୟୀ ଇନିଂସ ଖେଳି ଶେଷ ଭାଗରେ ପାକିସ୍ତାନ ସୃଷ୍ଟି କରିଥିବା ବିପଦକୁ ଟାଳି ଦେଇଛନ୍ତି। ପାକିସ୍ତାନ ଦେଇଥିବା ୨୦୪ ରନର ଟାର୍ଗେଟକୁ ପିଛା କରୁଥିବା ଅଷ୍ଟ୍ରେଲିଆ ୧୮୫ ରନରେ ୮ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। ହେଲେ ପାଟ କମିନ୍ସ ଅପରାଜିତ ୩୨ ରନର ଇନିଂସ ଖେଳି ଦଳକୁ ୯୯ ବଲ ପୂର୍ବରୁ ୨ ୱିକେଟରେ ବିଜୟ ଭେଟି ଦେଇଛନ୍ତି। ଦଳ ପାଇଁ ଷ୍ଟିଭ ସ୍ମିଥ୍ ୪୪ ଓ ଜୋଶ୍ ଇଙ୍ଗଲିସ ୪୯ ରନର ଇନିଂସ ଖେଳିଥିଲେ ହେଁ ଶେଷ ଭାଗରେ ପାକିସ୍ତାନ ବାଉନ୍ସ ବ୍ୟାକ୍ କରିଥିଲା। କିନ୍ତୁ କମିନ୍ସ ସେସବୁକୁ ପଣ୍ଡ କରି ପାକିସ୍ତାନକୁ ବିଜୟ ସ୍ୱାଦ ଚାଖିବାକୁ ଦେଇ ନାହାନ୍ତି। ତେବେ ବୋଲିଂରେ ୩ ୱିକେଟ ନେଇଥିବା ମିଚେଲ ଷ୍ଟାର୍କଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ମିଳିଛି।



ଭାରତରେ ଶେଷ ହୋଇଥିବା ଦିନିକିଆ ବିଶ୍ୱକପ ପରେ ପାକିସ୍ତାନ ପ୍ରଥମ ଥର ପାଇଁ ଏହି ଫର୍ମାଟରେ ମ୍ୟାଚ୍ ଖେଳିବାକୁ ଆଜି ମେଲବର୍ଣ୍ଣ ଗ୍ରାଉଣ୍ଡକୁ ଓହ୍ଲାଇଥିଲା। ଦଳ ୪୬.୪ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୨୦୩ ରନ କରିଥିଲା। ସାମି ଆୟୁବ ଓ ଅବଦୁଲ୍ଲା ଶଫିକ ଶସ୍ତାରେ ପ୍ୟାଭିଲିୟନ ଫେରିଥିଲେ। କିନ୍ତୁ ବାବର ଆଜମ ଓ ନୂଆ ଅଧିନାୟକ ରିଜୱାନ କିଛି ସହ ମଙ୍ଗ ସମ୍ଭାଳିଥିଲେ।

ଇଂଲଣ୍ଡ ବିପକ୍ଷ ଶେଷ ଦୁଇଟି ଟେଷ୍ଟରୁ ବିଦା ହୋଇଥିବା ବାବର ୪୪ ବଲରେ ୩୭ ରନ କରି ଆଡାମ ଜାମ୍ପାଙ୍କ ବଲରେ ଆଉଟ ହୋଇଛନ୍ତି। ରିଜୱାନଙ୍କୁ ମାର୍ନସ ଲାବୁଶେନ ଆଉଟ କରିବା ପୂର୍ବରୁ ସେ ୪୪ ରନର ଇନିଂସ ଖେଳିଥିଲେ। କମରାନ ଗୁଲାମ ବାଉଣ୍ଡରୀରୁ ନିଜ ଦିନିକିଆ କ୍ୟାରିୟର ଆରମ୍ଭ କରିଥିଲେ। କିନ୍ତୁ ପାଟ କମିନ୍ସ ତାଙ୍କୁ ଆଉଟ କରି ଦେଇଥିଲେ। ପାକିସ୍ତାନର ନୂଆ ଉପ ଅଧିନାୟକ ସଲମାନ ଆଘା ୧୨ ରନ କରି ସେନ ଆବୋଟଙ୍କ ଶିକାର ବନିଥିବା ବେଳେ ଡେବ୍ୟୁଟାଣ୍ଟ ଇରଫାନ ଖାନ ନିଆଜି ୨୨ ରନ କରି ରନ ଆଉଟ ହୋଇଥିଲେ। କିନ୍ତୁ ଶାହୀନ ଶାହ ଆଫ୍ରିଦି ଓ ନସୀମ ଶାହ ଶେଷ ଭାଗରେ କମାଲ କରିଥିଲେ। ଆଫ୍ରିଦି ଦ୍ରୁତ ୨୪ ରନରେ ୩ଟି ଚୌକା ଓ ଗୋଟିଏ ଛକା ମାରିଛନ୍ତି। ନସୀମ ୩୯ ବଲରେ ୪୦ ରନର ଇନିଂସ ଖେଳିବାରୁ ପାକିସ୍ତାନ ୨୦୦ ରନ ପାର କରିଥିଲା। ୪୬ତମ ଓଭରରେ ନସୀମ ଦମ୍‌ଦାର ଢଙ୍ଗରେ ଜାମ୍ପାଙ୍କୁ ୨ଟି ଛକା ଓ ଗୋଟିଏ ଚୌକା ମାରିଥିଲେ। ହେଲେ ପରବର୍ତ୍ତୀ ଓଭରରେ କମିନ୍ସ ତାଙ୍କୁ ଆଉଟ୍ କରି ପାକିସ୍ତାନ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ।

ଅଷ୍ଟ୍ରେଲିଆ ପାଇଁ ମଚେଲ ଷ୍ଟାର୍କ ସର୍ବାଧିକ ୩ଟି ୱିକେଟ ନେଇଥିବା ବେଳେ କମିନ୍ସ ଓ ଜାମ୍ପା ୨ଟି ଲେଖାଏ ସଫଳତା ପାଇଛନ୍ତି। ଆବୋଟ ଓ ଲାବୁଶେନଙ୍କ ଖାତାକୁ ଗୋଟିଏ ଲେଖାଏଁ ୱିକେଟ ଯାଇଛି।

୨୦୪ ରନର ପିଛା କରୁଥିବା ଅଷ୍ଟ୍ରେଲିଆ ମାଥ୍ୟୁ ଶର୍ଟ ଓ ଜ୍ୟାକ ଫେର୍ସର ମ୍ୟାକଗୁର୍କଙ୍କୁ ସଅଳ ହରାଇଥିଲା। କିନ୍ତୁ ସ୍ମିଥ୍ ଓ ଇଙ୍ଗଲିସ ତୃତୀୟ ୱିକେଟ ପାଇଁ ୮୫ ରନ ଯୋଡ଼ିଥିଲେ। ତେବେ ପାକିସ୍ତାନର ଦ୍ରୁତ ବୋଲର ହରିଶ ରୌଫ ଦଳକୁ କମବ୍ୟାକ କରାଇବା ସହ ଗୋଟିଏ ପରେ ଗୋଟିଏ ୱିକେଟ ନେଇଥିଲେ। ଅଷ୍ଟ୍ରେଲିଆ ୨୦.୨ ଓଭର ସୁଦ୍ଧା ୬ ୱିକେଟ ହରାଇ ୧୩୯କୁ ଖସି ଆସିଥିଲା।

ଆଫ୍ରିଦି ୪୯ ରନ କରିଥିବା ଇଙ୍ଗଲିସଙ୍କୁ ଆଉଟ କରିଥିବା ବେଳେ ରୌଫ ଲାବୁଶେନ ଓ ଗ୍ଲେନ ମ୍ୟାକ୍ସୱେଲଙ୍କୁ କ୍ରମାଗତ ଦୁଇଟି ବଲରେ ପ୍ୟାଭିଲିୟନ ପଠାଇ ମ୍ୟାଚ୍‌ରେ ରୋମାଞ୍ଚ ଭରିଥିଲେ। ଆଫ୍ରିଦି ସିଧା ଥ୍ରୋ ଦ୍ୱାରା ଆବୋଟଙ୍କୁ ମଧ୍ୟ ରନ ଆଉଟ କରିଥିଲେ। ୧୮୫ ରନରେ ଦଳ ୮ ୱିକେଟ ହରାଇଥିଲା। ହେଲେ କମିନ୍ସ ୩୧ ବଲରେ ୩୨ ରନର ଇନିଂସ ଖେଳି ୧୬.୩ ଓଭର ପୂର୍ବରୁ ଅଷ୍ଟ୍ରେଲିଆକୁ ବିଜୟ ଭେଟି ଦେଇଥିଲେ। ତାଙ୍କ ସହ ଷ୍ଟାର୍କ ୧୨ ବଲରେ ୨ ରନ କରି ବିଜୟ ବେଳେ କ୍ରିଜ୍‌ରେ ରହିଥିଲେ।

ପାକିସ୍ତାନ ପକ୍ଷରୁ ରୌଫ ୩ଟି ୱିକେଟ ନେଇଥିବା ବେଳେ ଆଫ୍ରିଦି ୨ଟି, ନସୀମ ଶାହ ଓ ମହମ୍ମଦ ହସନୈନ ଗୋଟିଏ ଲେଖାଏଁ ସଫଳତା ପାଇଛନ୍ତି। ପାକିସ୍ତାନ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ଦିନିକିଆ ଆସନ୍ତା ୮ ତାରିଖରେ ଖେଳାଯିବ।

# ଭାରତୀୟ ପ୍ଲେୟର ଭାବେ ଆଇପିଏଲ୍‌ର ସବୁଠାରୁ ମହଙ୍ଗା ଖେଳାଳି ହେଲେ ବିରାଟ

**ନୂଆଦିଲ୍ଲୀ**



ଆଇପିଏଲ୍–୨୦୨୫ ମେଗା ଅକ୍ସନ୍ ପୂର୍ବରୁ ବେଶ୍ ଚର୍ଚ୍ଚା। ନିକଟରେ ରିଟେନ ପ୍ଲେୟରଙ୍କ ଲିଷ୍ଟ ଜାରି କରିଛି ଫ୍ରାଞ୍ଚାଇଜ୍। ଏହି ଲିଷ୍ଟରେ ସମସ୍ତ ଟିମ୍ ନିଜ ପସନ୍ଦର ପ୍ଲେୟରଙ୍କୁ କରିଛନ୍ତି ଚୟନ। ରୟାଲ ଚ୍ୟାଲେଞ୍ଜର ବେଙ୍ଗାଲୁର ଭାରତର ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କୁ କରିଛି ରିଟେନ। ଭାରତୀୟ ପ୍ଲେୟର ଭାବେ ସର୍ବାଧିକ ଟଙ୍କା ବିରାଟ କୋହଲିଙ୍କୁ ଦିଆଯାଇଛି। ରିଟେନସନ୍‌ରେ ବିରାଟ ସର୍ବାଧିକ ପାରିଶ୍ରମିକ ପ୍ରାପ୍ତ ଭାରତୀୟ ହୋଇପାରିଛନ୍ତି। ଏହି ରିଟେନସରେ ହାଇଦ୍ରାବାଦର ହେନ୍‌ରିକ୍ କ୍ଲାସେନ୍‌ଙ୍କୁ ଦିଆଯାଇଛି ସର୍ବାଧିକ ଟଙ୍କା। କ୍ଲାସେନଙ୍କୁ ୨୩ କୋଟିରେ ରିଟେନ କରିଛି ଟିମ୍। କିନ୍ତୁ ହେନରିକ୍ ହେଉଛନ୍ତି ବିଦେଶୀ ପ୍ଲେୟର। ଆଉ ଭାରତୀୟ ପ୍ଲେୟର ଭାବେ ସବୁଠାରୁ ଅଧିକ୍ ଦାମ୍‌ରେ ରିଟେନ ହୋଇଛନ୍ତି ବିରାଟ କୋହଲି।

ଆରସିବି କେବଳ ୩ ପ୍ଲେୟରଙ୍କୁ ନିଜ ପାଖରେ ରଖିଛି। ଆରସିବି ବିରାଟ କୋହଲି, ରଜତ ପାଟିଦାର ଏବଂ ଯଶ ଦୟାଲଙ୍କୁ ରିଟେନ କରିଛି। ଅନ୍ୟପଟେ ଟିମ୍ ଅନେକ ବଡ଼ ନାଁକୁ ରିଲିଜ୍ କରିଛି। ଟିମ୍ ଗ୍ଲେନ୍ ମ୍ୟାକ୍ସୱେଲ ଏବଂ ଫାଫ୍ ଡୁ ପ୍ଲେସିସ୍‌ଙ୍କୁ ରିଟେନ୍ କରିନି। ଆରସିବି କହିଛି ଯେ ଫ୍ରାଞ୍ଚାଇଜ୍ କ୍ୟାମେରନ୍ ଗ୍ରୀନ୍‌ଙ୍କୁ ରିଟେନ କରିବାକୁ ଚାହୁଁଛି କିନ୍ତୁ ସେ ଆହତ ହୋଇଛନ୍ତି। ଆଉ ହୋଇପାରେ ସେ ଆଇପିଏଲରୁ ବାହାର ମଧ୍ୟ ହୋଇପାରନ୍ତି।

୩୬ କୋଟି ଟଙ୍କା ଖର୍ଚ୍ଚ କରି ଆରସିବି ଏହି ୩ ପ୍ଲେୟରଙ୍କୁ ରିଟେନ କରିଛି। ଆରସିବି ବିରାଟ କୋହଲିଙ୍କୁ ୨୧ କୋଟି ଟଙ୍କାରେ ରିଟେନ୍ କରିଛି। ସେହିପରି ରଜତ ପାଟିଦାରଙ୍କୁ ୧୧ କୋଟିରେ ଏବଂ ଯଶ ଦୟାଲଙ୍କୁ ୫ କୋଟିରେ କରିଛି ରିଟେନ୍। ଆରସିବି ୮୩ କୋଟି ଟଙ୍କା ସହିତ ମେଗା ନିଲାମରେ କରିବ ଏଣ୍ଟ୍ରି। ଯେଉଁଥିରେ ୩ଟି ଆରଟିଏମ୍ କାର୍ଡ ରହିବ। ପ୍ଲେୟରଙ୍କୁ ରିଟେନ କରିବା ପାଇଁ ଆଇପିଏଲ୍ ସର୍ବନିମ୍ନ ପରିମାଣ ସ୍ଥିର କରିଛି। ପ୍ରଥମ ଖେଳାଳିଙ୍କ ପାଇଁ ୧୮ କୋଟି, ଦ୍ୱିତୀୟ ପାଇଁ ୧୪ କୋଟି, ତୃତୀୟ ପାଇଁ ୧୧ କୋଟି, ଚତୁର୍ଥ ପାଇଁ ୧୮ କୋଟି ଏବଂ ପଞ୍ଚମ ପ୍ଲେୟରଙ୍କ ପାଇଁ ୧୪ କୋଟି ସ୍ଥିର କରିଛି। କିନ୍ତୁ ଟିମ୍ ଏହି ପରିମାଣ ଠାରୁ ଅଧିକ କିମ୍ବା କମ୍ ଦେବ ତାହା ନିଜସ୍ୱ ମତ ରହିବ।

# ଭାରତର ପରାଜୟକୁ ନେଇ ଆକ୍ସନ ମୁଡ୍‌ରେ ବିସିସିଆଇ : ଟାର୍ଗେଟ୍‌ରେ ବରିଷ୍ଠ ଖେଳାଳି

**ନୂଆଦିଲ୍ଲୀ**

ଶେଷ ଟେଷ୍ଟରେ ନ୍ୟୁଜିଲାଣ୍ଡଠୁ ହାରି ଭାରତ ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୦–୩ରେ କ୍ଲିନସୁଇପ୍‌ର ଶିକାର ହୋଇଛି। ଭାରତର ଏହି ଲଜ୍ଜାଜନକ ପରାଜୟ ପାଇଁ ଅଧିନାୟକ ରୋହିତ ଶର୍ମା ନିଜକୁ ଦାୟୀ କରିଛନ୍ତି। ଏହି ପରାଜୟକୁ ସହଜରେ କେହି ଗ୍ରହଣ କରି ପାରୁ ନାହାନ୍ତି। ଏବେ ରୋହିତଙ୍କ ଅଧିନାୟକତ୍ୱ, ତାଙ୍କ ବ୍ୟାଟିଂ, ବିରାଟ କୋହଲିଙ୍କ ସମେତ ଅନେକ ବରିଷ୍ଠ ଖେଳାଳିଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏବେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ ବରିଷ୍ଠ ଖେଳାଳିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଉପରେ ବିଚାର କରୁଛି। ବିସିସିଆଇ ଦଳ ପ୍ରଦର୍ଶନର ମୂଲ୍ୟାଙ୍କନ କରିବ ଓ ଅଷ୍ଟ୍ରେଲିଆ ଗସ୍ତ ପରେ କିଛି ଖେଳାଳିଙ୍କ ଟେଷ୍ଟ କ୍ରିକେଟ୍‌ରେ କ୍ୟାରିୟର ଉପରେ ବଡ଼ ନିଷ୍ପତ୍ତି ନେବ। ବିସିସିଆଇ ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ପରବର୍ତ୍ତୀ ଚକ୍ର ଆରମ୍ଭ ହେବା ପୂର୍ବରୁ ଅନୁଭବୀ ଖେଳାଳିଙ୍କୁ ପର୍ଯ୍ୟାୟକ୍ରମେ ବାହାରର ରାସ୍ତା ଦେଖାଇବାକୁ ମନସ୍ଥ କରି



ସାରିଛି। ଏହାର ସମ୍ଭାବନା ଅଧିକ ଯେ, ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ରୋହିତ ଶର୍ମା, ବିରାଟ କୋହଲି, ରବୀନ୍ଦ୍ର ଜାଡ଼େଜା ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ମଧ୍ୟରୁ ଅତି କମରେ ଦୁଇ ଜଣଙ୍କ ପାଇଁ ଅନ୍ତିମ ଟେଷ୍ଟ ସିରିଜ୍ ହୋଇପାରେ। କାରଣ ଏହି ଚାରି ଖେଳାଳି ନିଜ ଅନ୍ତର୍ଜାତୀୟ କ୍ୟାରିୟରର ଶେଷ ପର୍ଯ୍ୟାୟରେ ପହଞ୍ଚି ଗଲେଣି।

ରୋହିତଙ୍କୁ ଭାରତର ଟେଷ୍ଟ ଭବିଷ୍ୟତ ବିଷୟରେ ପ୍ରଶ୍ନ ହେବାରୁ ସେ କହିଛନ୍ତି, ମୋତେ ଲାଗୁନି ଆମେ ଏତେ ଆଗକୁ ଏବେ ଭାବିବା। ଆଗାମୀ ସିରିଜ୍ ଉପରେ ଧ୍ୟାନ ଦେବା ମହତ୍ୱପୂର୍ଣ୍ଣ ଅଟେ। ମୁଁ ଅଷ୍ଟ୍ରେଲିଆ ସିରିଜ୍‌ଠୁ ଆଗକୁ ଆହୁରି ଦେଖୁନାହିଁ। କାରଣ ଆମ ପାଇଁ ବର୍ତ୍ତମାନ ଅଷ୍ଟ୍ରେଲିଆ ସିରିଜ୍ ହିଁ ବଡ଼ ପ୍ରାଥମିକତା। ବିସିସିଆଇର ଅଧିକାରୀ, ଚୟନ କମିଟିର ଅଧ୍ୟକ୍ଷ ଅଜିତ ଅଗରକର, ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ଅଧିନାୟକ ରୋହିତ ଶର୍ମାଙ୍କ ମଧ୍ୟରେ ବରିଷ୍ଠ ଖେଳାଳିଙ୍କ ସହିତ ଆଗକୁ ବଢ଼ିବା ନେଇ ଆଲୋଚନା ହୋଇପାରେ।

ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ନିଶ୍ଚିତ ଭାବେ ପରାଜୟର ଆକଳନ କରାଯିବ ଏବଂ ଏହା ଅଣ ଆନୁଷ୍ଠାନିକ ରହିପାରେ। କାରଣ ଦଳ ନଭେମ୍ବର ୧୦ ତାରିଖରେ ଅଷ୍ଟ୍ରେଲିଆ ଅଭିମୁଖେ ଯାତ୍ରା କରିବ। ନ୍ୟୁଜିଲାଣ୍ଡ ବିପକ୍ଷରେ ଏହା ଆମର ବଡ଼ ପରାଜୟ। ମାତ୍ର ଅଷ୍ଟ୍ରେଲିଆ ସିରିଜ୍ ନିକଟତର ଏବଂ ଦଳ ପୂର୍ବରୁ ଘୋଷଣା ହୋଇ ସାରିଛି। ଏଥିପାଇଁ ଏବେ ଦଳରେ କୌଣସି ପରିବର୍ତ୍ତନ କରାଯିବ ନାହିଁ। ଭାରତ ଯଦି ଇଂଲଣ୍ଡରେ ଖେଳା ଯିବାକୁ ଥିବା ଡବ୍ଲ୍ୟୁଟିସି ଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ ନ କରେ, ତେବେ ଏହାର ସମ୍ଭାବନା ଅଧିକ ଯେ ଏହି ଚାରି ଖେଳାଳିଙ୍କ ମଧ୍ୟରୁ କିଛି ନାମ ଇଂଲଣ୍ଡ ବିପକ୍ଷ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜରୁ ବାଦ୍ ପଡ଼ିବେ। ଏହି ଚାରି ଖେଳାଳି ଘରୋଇ ମଇଦାନରେ ସମ୍ଭବତଃ ଏକାଠି ନିଜର ଶେଷ ଟେଷ୍ଟ ଖେଳିଛନ୍ତି।

କୁହାଯାଉଛି ବିସିସିଆଇ ୨୦୧୧ର କାହାଣୀକୁ ଦୋହରାଇବାକୁ ଚାହୁଁନି। ଏହାର କାରଣ ବର୍ତ୍ତମାନ ଦଳର ପ୍ରଦର୍ଶନ ନିମ୍ନଗାମୀ ରହିଛି। ମୁଖ୍ୟ ଚୟନକର୍ତ୍ତା ଓ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କୁ ବରିଷ୍ଠ ଖେଳାଳିଙ୍କ ସହ ଆଗାମୀ ଯୋଜନା ବିଷୟରେ ଆଲୋଚନା କରାଯିବାର ଆବଶ୍ୟକତା ରହିଛି। ଭାରତୀୟ ଦଳ ଡବ୍ଲ୍ୟୁଟିସି ଫାଇନାଲ୍ ଦୌଡ଼ରେ ଏବେ ବି ରହିଛି। ଯଦି ଦଳ ଫାଇନାଲ୍‌ରେ ପ୍ରବେଶ ନକରେ ତେବେ ପରବର୍ତ୍ତୀ ଡବ୍ଲ୍ୟୁଟିସି ଚକ୍ରରେ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଦଳରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ନୂଆ ଚକ୍ରର ଆରମ୍ଭ ଜୁନ ୨୦ରୁ ହେବାକୁ ଯାଉଛି। ଚୟନ କମିଟି ସାଇ ସୁଦର୍ଶନ, ଦେବଦତ୍ତ ପାଡ଼ିକଲଙ୍କ ପରି ଖେଳାଳିଙ୍କୁ ସୁଯୋଗ ଦେଇ ଦୀର୍ଘକାଳୀନ ସମ୍ଭାବନା ଉପରେ ବିଚାର କରିବାକୁ ବାଧ ହୋଇପାରେ।

# ଖୋର୍ଦ୍ଧା ଜିଲ୍ଲା ଇଣ୍ଟ୍ରା କ୍ଲବ୍ କ୍ରିକେଟ୍ ଆରମ୍ଭ



**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

କ୍ରିକେଟ୍ ଆସୋସିଏସନ୍ ଅଫ ଖୋର୍ଦ୍ଧା ଜିଲ୍ଲା ଆନୁକୂଲ୍ୟରେ ସିନିୟର୍ ଇଣ୍ଟ୍ରା କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଖୋର୍ଦ୍ଧା ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମରେ ଆରମ୍ଭ ହୋଇଛି। ସୋମବାରର ପ୍ରଥମ ଖେଳରେ ରାଇଜିଂଷ୍ଟାର କ୍ଲବ୍ ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍‌କୁ ୬୬ ରନରେ ପରାସ୍ତ କରିଛି। ରାଇଜିଂଷ୍ଟାର କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୩୨.୨ ଓଭରରେ ୧୦ ୱିକେଟ ହରାଇ ୧୬୯ ରନ୍ କରିଥିଲା। ଦଳ ପକ୍ଷରୁ ମହାଦୀପ ମହାପ୍ରସାଦ ରଥ ସର୍ବାଧିକ ୪୦ ରନ୍ କରିଥିବା ବେଳେ ଦୂର୍ଯ୍ୟାନ ପଟ୍ଟନାୟକ ଓ ତୀର୍ଥଙ୍କର ସାହୁ ଉଭୟ ୨୭ ରନ୍ କରିଥିଲେ। ଖୋର୍ଦ୍ଧା କ୍ଲବ ପକ୍ଷରୁ ତାରିଣୀ ନାୟକ, ରୂପକ ଜେନା ଏବଂ ସୁମିତ ମହାରଣା ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଜବାବରେ ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍ ୨୭.୩ ଓଭର ରେ ସମସ୍ତ ୧୦ ୱିକେଟ ହରାଇ ୧୦୩ ରନ୍ କରିଥିଲା। ଆଶୁତୋଷ ସିଂ ସର୍ବାଧିକ ୩୧ ରନ୍ କରିଥିଲେ। ରାଇଜିଂ କ୍ଲବ୍ ତରଫରୁ ସରୋଜ ପାତ୍ର ୩ଟି ୱିକେଟ ନେଇଥିଲେ। ସୋମବାର ଉଦ୍‌ଘାଟନୀ ମ୍ୟାଚ୍‌ରେ କ୍ରିକେଟ୍ ଆସୋସିଏସନ୍ ଅଫ ଖୋର୍ଦ୍ଧା ଜିଲ୍ଲାର ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଓଡ଼ିଶା କ୍ରିକେଟ ଆସୋସିଏସନ୍‌ର କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, କ୍ରିକେଟ୍ ପୃଷ୍ଠପୋଷକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଉପସ୍ଥିତ ରହି ୧୦ ଦିନ ବ୍ୟାପୀ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଖେଳରୁ ଆଗାମୀ କଳାହାଣ୍ଡି କପ୍ ପାଇଁ ଖୋର୍ଦ୍ଧା ଜିଲ୍ଲା ଦଳ ଚୟନ ହେବ ବୋଲି ବିକାଶ ପ୍ରଧାନ ଜଣାଇଛନ୍ତି।

# ଡିସେମ୍ବର ୭ରୁ ୧୧ ଜାତୀୟ କନିଷ୍ଠ ଦୌଡ଼କୁଦ ଚାମ୍ପିଅନସିପ୍

**ଭୁବନେଶ୍ୱର**

ଜାତୀୟ ଜୁନିୟର ଦୌଡ଼କୁଦ ଚାମ୍ପିଅନସିପର ୩୯ତମ ସଂସ୍କରଣ ଲାଗି ସାନି କାର୍ଯ୍ୟସୂଚୀ ଘୋଷିତ ହୋଇଛି। ଆସନ୍ତା ଡିସେମ୍ବର ୭ରୁ ୧୧ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଉକ୍ତ ପ୍ରତିଯୋଗିତା ଆୟୋଜିତ ହେବ। ଏ ନେଇ ଶନିବାର ଫୁଟବଲ ମହାସଂଘ ପକ୍ଷରୁ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ପ୍ରତିଯୋଗିତା କଳିଙ୍ଗ ଷ୍ଟାଡ଼ିୟମରେ



ଗତ ଅକ୍ଟୋବର ୨୫ରୁ ୨୯ ପର୍ଯ୍ୟନ୍ତ ଆୟୋଜିତ ନେଇ କାର୍ଯ୍ୟକ୍ରମ ରହିଥିଲା। ଓଡ଼ିଶାରେ ବାତ୍ୟା ଦାନା ଲାଗି ଉକ୍ତ ପ୍ରତିଯୋଗିତାକୁ ସ୍ଥଗିତ କରି ଦିଆଯାଇଥିଲା।

# କ୍ରିକେଟରୁ ଅବସର ଘୋଷଣା କଲେ ରିଦ୍ଧିମାନ ଶାହା

**ନୂଆଦିଲ୍ଲୀ**

ଭାରତୀୟ ୱିକେଟ କିପର-ବ୍ୟାଟର ରିଦ୍ଧିମାନ ଶାହା କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଚଳିତ ରଣଜୀ ଟ୍ରଫି ସିଜନ (୨୦୨୪-୨୫) ପରେ ସେ ତାଙ୍କର ୧୭ ବର୍ଷର କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ଟାଣିବେ। ଶାହା ବର୍ତ୍ତମାନ କର୍ଣ୍ଣାଟକ ବିପକ୍ଷ ଚତୁର୍ଥ ରାଉଣ୍ଡ ମ୍ୟାଚ୍ ପାଇଁ ବେଙ୍ଗାଲୁରୁରେ ପ୍ରସ୍ତୁତି ଚଳାଇଛନ୍ତି। ଏହାରି ଭିତରେ ନିଜ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ସେ ଏହି ନିଷ୍ପତ୍ତି ନେଇ ସୂଚନା ଦେଇଛନ୍ତି।

‘ଏକ୍ସ’ରେ ନିଜ ଅବସର ସମ୍ବନ୍ଧୀୟ ପୋଷ୍ଟରେ ସାହା ଲେଖିଛନ୍ତି, ‘କ୍ରିକେଟରେ ଏକ ସ୍ମରଣୀୟ ଯାତ୍ରା ପରେ ଏହା ମୋର ଶେଷ ସିଜିନ୍ ହେବାକୁ ଯାଉଛି।



ଶେଷଥର ପାଇଁ ବଙ୍ଗଳା ପକ୍ଷରୁ ରଣଜୀ ଟ୍ରଫିରେ ଖେଳି ଅବସର ନେବା ମୋ ପାଇଁ ଗୌରବର ବିଷୟ। ଚାଲନ୍ତୁ ଏହି ସିଜନ୍‌କୁ ସ୍ମରଣୀୟ କରିବା।’ ୨୦୨୨-୨୩ ରଣଜୀ ଋତୁରେ ବେଙ୍ଗଲ କ୍ରିକେଟ ସଂଘ (ସିଏବି) ସଚିବ ଦେବବ୍ରତ ଦାସଙ୍କ ସହ ବିବାଦ କାରଣରୁ ୩୯ ବର୍ଷୀୟ ୱିକେଟ କିପର ଦଳରୁ ନିଜକୁ ଦୂରେଇ ରଖିଥିଲେ। ହେଲେ ଏହି ସିଜିନରେ ଦଳକୁ ଫେରି ଶାହା ରଣଜୀ ଟ୍ରଫିର ପ୍ରଥମ ଦୁଇଟି ମ୍ୟାଚ୍ ଖେଳିଛନ୍ତି। ଭାରତ ପାଇଁ ରିଦ୍ଧିମାନ ଶାହା ୪୦ଟି ଟେଷ୍ଟ ଖେଳି ୧୩୫୩ ରନ ସ୍କୋର କରିଛନ୍ତି। ତାଙ୍କ ଟେଷ୍ଟ କ୍ୟାରିୟରରେ ତିନୋଟି ଶତକ ଏବଂ ଛଅ ଅର୍ଦ୍ଧଶତକ ସାମିଲ ଅଛି। ସେ ଦୀର୍ଘ ସମୟ ଧରି ଟିମ୍ ଇଣ୍ଡିଆର ପ୍ରଥମ ପସନ୍ଦ ୱିକେଟ କିପର ଭାବେ ଦଳ ସହିତ ଜଡ଼ିତ ଥିଲେ। କିନ୍ତୁ ଋଷଭ ପନ୍ତ ଆସିବା ପରେ ଦଳରେ ସ୍ଥାନ ପାଇବା ଶାହାଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡ଼ିଥିଲା। ତେବେ ସେ ଅନେକ ଥର ଦ୍ୱିତୀୟ ୱିକେଟ କିପର ଭାବରେ ଟିମରେ ଅନ୍ତର୍ଭୁକ୍ତ ହୋଇଥିଲେ। ଶେଷଥର ପାଇଁ ସାହା ଡିସେମ୍ବର ୨୦୨୧ରେ ଭାରତୀୟ ଜର୍ସିରେ ଖେଳିଥିଲେ। ୨୦୨୩ରେ ତାଙ୍କୁ କେନ୍ଦ୍ରୀୟ ଚୁକ୍ତିରୁ ମୁକ୍ତ କରିଥିଲା ବିସିସିଆଇ।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଶାହା ଆଇପିଏଲ୍ ସମେତ ଖେଳର ସମସ୍ତ ପ୍ରକାର ଫର୍ମାଟରୁ ଦୂରରେ ରହିବାକୁ ଚାହୁଁଛନ୍ତି। ଏପରିକି ସେ ଆଗାମୀ ଆଇପିଏଲ୍ ମେଗା ଅକ୍ସନ ପାଇଁ ମଧ୍ୟ ନିଜକୁ ପଞ୍ଜିକୃତ କରିନାହାନ୍ତି। ତେବେ ଶାହା ନିଜେ ଏପର୍ଯ୍ୟନ୍ତ ଆଇପିଏଲ୍ ଅଂଶଗ୍ରହଣ ଉପରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିନାହାନ୍ତି।

# ଜୟ ଶାହାଙ୍କ ପରେ ରୋହନ ଜେଟ୍‌ଲୀ ହେବେ ବିସିସିଆଇର ପରବର୍ତ୍ତୀ ସଚିବ !

**ନୂଆଦିଲ୍ଲୀ**

ଜୟ ଶାହା ଆଇସିସିର ଚେୟାରମ୍ୟାନ ହୋଇଛନ୍ତି ଏବଂ ସେ ତାଙ୍କ କାର୍ଯ୍ୟକାଳ ଡିସେମ୍ବର ୨ ତାରିଖରୁ ଆରମ୍ଭ କରିବେ। ବର୍ତ୍ତମାନ ସୁଦ୍ଧା ଜୟ ଶାହା ବିସିସିଆଇର ସଚିବ ଭାବରେ କାର୍ଯ୍ୟ କରୁଛନ୍ତି, କିନ୍ତୁ ଡିସେମ୍ବର ୨ ପରେ ଜୟ ଶାହାଙ୍କ ପଦ କିଏ ଗ୍ରହଣ କରିବ ? ଡିସେମ୍ବର ପାଖେଇ ଆସୁଥିବାରୁ ଏହି ପ୍ରଶ୍ନ ଅଧିକ ତୀବ୍ର ହେବାରେ ଲାଗିଛି। ଏହି ପ୍ରଶ୍ନକୁ ନେଇ ଆସିଥିବା ରିପୋର୍ଟରେ କୁହାଯାଇଛି ଯେ ଜୟ ଶାହାଙ୍କ ପରେ କାହାକୁ ବିସିସିଆଇ ସଚିବ ଦାୟିତ୍ୱ ଦିଆଯାଇପାରେ।



ଏକ ରିପୋର୍ଟ ଅନୁଯାୟୀ, ଦିଲ୍ଲୀ ଏବଂ ଜିଲ୍ଲା କ୍ରିକେଟ ଆସୋସିଏସନ (ଡିଡିସିଏ) ସଭାପତି ରୋହନ ଜେଟ୍‌ଲୀଙ୍କୁ ଜୟ ଶାହାଙ୍କ ପରେ ବିସିସିଆଇର ସଚିବ କରାଯାଇ ପାରେ। ରୋହନ ଜେଟ୍‌ଲୀଙ୍କ ବ୍ୟତୀତ ଗୁଜରାଟ କ୍ରିକେଟ ଆସୋସିଏସନ ସଚିବ ଅନିଲ ପଟେଲଙ୍କ ନାମ ବିସିସିଆଇ ସଚିବ ଦୌଡ଼ରେ ଅଛି। ତେବେ ଏହି ପଦ ପାଇଁ ରୋହନ ଜେଟ୍‌ଲୀ ବେଶୀ ପସନ୍ଦ ବୋଲି ବିବେଚନା କରାଯାଉଛି।

ସୂଚନାଯୋଗ୍ୟ ଯେ ରୋହନ ଜେଟଲୀ ସ୍ୱର୍ଗତ ରାଜନେତା ଅରୁଣ ଜେଟ୍‌ଲୀଙ୍କ ପୁଅ ଏବଂ ସେ ଦିଲ୍ଲୀ ଏବଂ ଜିଲା କ୍ରିକେଟ ଆସୋସିଏସନର ସଭାପତି ଭାବରେ କାର୍ଯ୍ୟ କରୁଛନ୍ତି। ଏହାପୂର୍ବରୁ ରୋହନ ଜେଟ୍‌ଲୀ ବିସିସିଆଇ ସଚିବ ହେବାର ଖବର ବାହାରକୁ ଆସିଥିଲା, ଯାହାକୁ ସେ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଥିଲେ। ତେବେ ଏହି ପ୍ରସଙ୍ଗରେ ସରକାରୀ ସୂଚନା ଏ ପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ।

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR
B-567
Mail i.d seccbbsr@gmail.com
*****
E-procurement Tender Call Notice No.10 of 2024-25
No. 423 / (Estg.) Bhubaneswar the 2nd November-2024

The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for three number of road work to be received in online bidding, double cover system for construction work as detailed in: https://tendersodisha.gov.in. The details of bid documents will be available in the above website from **5.00 P.M. of 06.11.2024 to 4.oo P.M of 20.11.2024.** The bidders must possess compatible Digital Signature Certificate of Class II or III. Bids received online shall be opened at **5.00 P.M of 20.11.2024** in the Office of the Chief Construction Engineer, Central (R&B) Circle Bhubaneswar.

Further details can be seen from the e-procurement portal www.tendersodisha.gov.in.
Addendum / Corrigendum, if required, will be available only in the Website

Sd/- Er.M.R. Behera
Chief Construction Engineer
Central (R&B) Circle, Bhubaneswar
OIPR-34156/11/0008/2425

OFFICE OF THE ANGUL MUNICIPALITY, ANGUL
C-902
No. 3157 Date 02.11.2024
QUOTATION CALL NOTICE

Sealed quotation is invited from the intending reputed firms/Manufactures/registered contractor of State Govt, those are having similar nature of work experience for **"Supplying, fitting, fixing and erection of 1 no. Wel Come gate at Hulurisingha chhak of Angul Municipality"**. The cost of paper Rs.6000/-( Rupees Six thousand) only (Non-refundable) in shape of cash. The quotation paper wifi be sold from **06.11.2024 to 16.11.2024 up to 5.00 PM** (including Holiday). The last date & time of receipt of quotation document Is **18.11.2024 up to 11.30 A.M.** and the same will be opened at 12.30 PM on dt.18.11.2024 in presence of the participant or their authorized persons. They should submit the Photo Copy of Registration Certificate,GST, PAN Card and experience certificate of similar nature of work along with the quotation schedule document. The quotation along with all documents shall be submitted at the office of the undersigned. The applicant should attach original Municipal money receipt of paper along with the quotation. The quotation received after due date and time shall not be entertained. The authority may ask the successful supplier to deposit 1% of bid amount as interim security deposit after reviewing his past performance before giving work order.

The Details of items, terms and condition of the quotation will be available in the office of the undersigned during office hour on all working days w.e.f from date of publication of this quotation.

The undersigned reserves the right to accept or reject any or all the Quotations without assigning reason thereof.

Sd/- Executive Officer
Angul Municipality
OIPR-13085/11/0011/2425

# ଏକ ଦିବସୀୟ ଫୁଟ୍‌ବଲ୍ ଟର୍ଣ୍ଣାମେଣ୍ଟ : ହଲକା ଦାରୁଲ ଅନୱାର ଚାମ୍ପିଅନ



**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମଦୀୟା ମୁସଲିମ୍ ଗ୍ରାମରେ ବୃଦ୍ଧ ସଂଗଠନ ମଜଲିସ୍ ଅନସାରୁଲ୍ଲାଃ କେରଙ୍ଗ ତ ତ୍ତ୍ୱାବଧାନରେ ଏକ ଦିବସୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ କେରଙ୍ଗର ୪ଗୋଟି ହଲକା (ଦାରୁସ ସଲାମ,ଦାରୁଲ ବରକାତ, ଦାରୁଲ ଫଜଲ ଏବଂ ଦାରୁଲ ଅନୱାର) ଅଂଶ ଗ୍ରହଣ କରିଥିଲା। ପ୍ରଥମ ସେମିଫାଇନାଲ ଦାରୁଲ ଅନୱାର ଏବଂ ଦାରୁସ ସଲାମ ମଧ୍ୟରେ ହୋଇଥିଲା। ଏଥିରେ ଦାରୁଲ ଅନୱାର ୪–୨ ଗୋଲରେ ବିଜୟୀ ହୋଇଥିଲା ଦ୍ୱିତୀୟ ସେମିଫାଇନାଲ ଦାରୁଲ ବରକାତ ଏବଂ ଦାରୁଲ ଫଜଲ ମଧ୍ୟରେ ହୋଇଥିଲା। ଦାରୁଲ ଫଜଲ ୧–୦ ଗୋଲରେ ବିଜୟୀ ହୋଇଥିଲା। ଫାଇନାଲ ଦାରୁଲ ଫଜଲ ଏବଂ ଦାରୁଲ ଅନୱାର ମଧ୍ୟରେ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ଦାରୁଲ ଅନୱାର ୨ ଗୋଲରେ ଅଗ୍ରଣୀ ରହିଥିବା ବେଳେ ଖେଳର ଦ୍ୱିତୀୟାର୍ଦ୍ଧରେ ଦାରୁଲ ଅନୱାର ଆଉ ଏକ ଗୋଲମାରି ଚାମ୍ପିଅନ ହୋଇଛି। ଏହି ଖେଳରେ ଫଜଲ ଖାଁ ପ୍ଲେଆର ଅଫ ଦି ଟୁର୍ଣ୍ଣାମେଣ୍ଟ ଘୋଷିତ ହୋଇ ସମ୍ମାନିତ ହୋଇଥିଲେ। ଏହି ଖେଳରେ ମୁଖ୍ୟ ରେଫେରି ଥିଲେ ସେକ ଗୁଲାମ ସରୱର। ତାଙ୍କୁ ଲାଇନରେ ମୁବଶିର ଅହମଦ ଏବଂ ଶଖାୱତ ଅହମଦ ସାହାଯ୍ୟ କରିଥିବା ବେଳେ ଅମଜାଦ ଖାଁ ମ୍ୟାଚ୍ କମିଶନର ଭାବେ ଦାୟିତ୍ୱ ତୁଲାଇ ଥିଲେ। ଏହି ଖେଳରେ ମୁଖ୍ୟ ଅତିଥି ଭାବେ କେରଙ୍ଗ ଅହମଦୀୟା ମୁସଲିମ୍ ସଂଗଠନର ସଭାପତି ଅମିରୁଦ୍ଦିନ ଖାଁ ଏବଂ ସମ୍ମାନୀତ ଅତିଥି ଭାବେ ମେରାଜ ଅଲ୍ଲି, ମୋଜିବୁଲ ହକ ଏବଂ ଅମଜଦ ଖାଁ ଯୋଗ ଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ସଗିର ଅହମଦ ଏବଂ ସଗିରୁଦ୍ଦିନ ଖାଁ ପରିଚାଳନା କରିଥିଲେ।

# ୯ରୁ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଟାଙ୍ଗୀ–ଚୌଦ୍ୱାର ବ୍ଲକ୍ ଆଥ୍‌ଲେଟିକ୍ ଆସୋସିଏସନ, ସ୍ୱାମୀ ବିବେକାନନ୍ଦ ସୋସିଆଲ ଡେଭଲପ୍‌ମେଣ୍ଟ ଓ ଶାଳଗାଁ ଷ୍ଟାର କ୍ଲବ୍ ମିଳିତ ଆନୁକୂଲ୍ୟରେ ଚଳିତ ମାସ ୯ ଓ ୧୦ତାରିଖ ୨ଦିନ ଧରି ଅନୁଷ୍ଠିତ ହେବାକୁଥିବା ବ୍ଲକ୍ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଟିଏମ୍ କଲୋନୀ ସ୍ଥିତ ଗୋପବନ୍ଧୁ ଖେଳପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୦ବର୍ଷରୁ ୨୩ବର୍ଷ ବୟସ ଭିତରେ କ୍ରୀଡ଼ାବିତ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ଖେଳାଳିମାନେ ୯୯୩୮୦୦୯୯୯ ଫୋନ ନମ୍ବରରେ ଯୋଗାଯୋଗ କରି ଆସନ୍ତା ୬ ତାରିଖ ଭିତରେ ନାମ ପଞ୍ଜିକରଣ କରାଇବା ପାଇଁ ସୂଚନା ପ୍ରଦାନ କରାଯାଇଛି। ଆଥ୍‌ଲେଟିକ୍ କ୍ଲବ୍ ସଭାପତି ଦିଲ୍ଲୀପ ଛତାର, ସଂପାଦକ ବିଜୟ କୁମାର ସାହୁ, ସୁରେଶ କୁମାର ରାଉତରାୟ, ଭାସ୍କର ଚନ୍ଦ୍ର ରାଉତରାୟ, ଅଶ୍ୱିନୀ କୁମାର ଜେନା, ତୁଷାର କାନୁନଗୋ,ଶରତ ଚନ୍ଦ୍ର ଖୁଣ୍ଟିଆ, ଭୀମସେନ ବିଶ୍ୱାଳ, ଭାସ୍କର ପ୍ରସାଦ ମହାପାତ୍ର, ଚନ୍ଦ୍ର ମୋହନ ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।







# ଦକ୍ଷିଣ କୋରିଆରେ ବାଚସ୍ପତି : ଶିକ୍ଷା, ସାମାଜିକ, ସାଂସ୍କୃତିକ ଭାବବିନିମୟ ସମ୍ପର୍କରେ ଆଲୋଚନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ତାଙ୍କର ବିଦେଶ ଗସ୍ତ କାର୍ଯ୍ୟକ୍ରମ ଅବସରରେ ଦକ୍ଷିଣ କୋରିଆଠାରେ ପହଂଚିଥିବାବେଳେ ସେଠାକାର ଭାରତୀୟ ଦୂତାବାସ ପକ୍ଷରୁ ତାଙ୍କୁ ଉଲ୍ଲସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସେଠାରେ ଥିବା ଭାରତର ରାଷ୍ଟ୍ରଦୂତ ଶ୍ରୀ ଅମିତ କୁମାର ବାଚସ୍ପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ଅବସରରେ ଦୁଇଦେଶ ମଧ୍ୟରେ ଥିବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କର ଅବତାରଣା କରିବା ସାଙ୍ଗକୁ ଓଡ଼ିଶା ସହ ଦକ୍ଷିଣ କୋରିଆର ସାମାଜିକ ଓ ସାଂସ୍କୃତିକ ଭାବବିନିମୟ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ଅବସରରେ ଶ୍ରୀ ଅମିତ କୁମାରଙ୍କ ସହ ବାଚସ୍ପତି ଦକ୍ଷିଣ କୋରିଆର ବୃହତ ଇସ୍ପାତ ନିର୍ମାଣକାରୀ କମ୍ପାନୀ ପୋସ୍କୋ ସହ ଜିନ୍ଦଲ ଷ୍ଟିଲ କମ୍ପାନୀ ମଧ୍ୟରେ ହୋଇଥିବା ବୁଝାମଣା ଚୁକ୍ତି ଓ ଓଡ଼ିଶାରେ ଇସ୍ପାତ କମ୍ପାନୀ ପ୍ରତିଷ୍ଠା, ପୁଞ୍ଜିନିବେଶ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସାୟିକ ସୁଯୋଗ ଓ ସମ୍ଭାବନା ସମ୍ପର୍କରେ ଆଲୋଚନା କରିଥିଲେ । ଏହା ସହ ଶିକ୍ଷା ଓ ସାଂସ୍କୃତିକ କ୍ଷେତ୍ରର ବିକାଶରେ ପାରସ୍ପରିକ ସହଯୋଗ ବିଷୟ ଆଲୋଚନାରେ ସ୍ଥାନ ପାଇଥିଲା । ଦକ୍ଷିଣ କୋରିଆରେ ଓଡ଼ିଶୀ ନୃତ୍ୟର ପ୍ରଚାର, ପ୍ରସାର ଓ



ଲୋକପ୍ରିୟତା ସମ୍ପର୍କରେ ସୂଚନା ଦେଇ ରାଷ୍ଟ୍ରଦୂତ ଶ୍ରୀ ଅମିତ କୁମାର କହିଥିଲେ ଯେ ଇଣ୍ଡିଆନ୍ କାଉନ୍ସିଲ୍ ଫର କଲ୍‌ଚରାଲ୍ ରିଲେସନ୍ସ (ଆଇସିସିଆର) ପକ୍ଷରୁ ଦକ୍ଷିଣ କୋରିଆ ସ୍ଥିତ ଭାରତୀୟ ଦୂତାବାସଠାରେ ଆୟୋଜିତ 'ସାରଙ୍ଗ' ଉତ୍ସବକୁ ଏକ ଓଡ଼ିଶୀ ନୃତ୍ୟ ଦଳ ପଠାଯାଇଥିବାବେଳେ ସେମାନେ ସେଠାରେ ମୁଖ୍ୟ ସ୍ଥାନଗୁଡ଼ିକରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏଠାକାର ସ୍ଥାନୀୟ ବିବେକାନନ୍ଦ ସାଂସ୍କୃତିକ କେନ୍ଦ୍ରଠାରେ ମଧ୍ୟ ନିୟମିତ ଓଡ଼ିଶୀ ନୃତ୍ୟ ଶିକ୍ଷା ପ୍ରଦାନ କରାଯାଉଅଛି ବୋଲି ଶ୍ରୀ ଅମିତ କୁମାର ବାଚସ୍ପତି ସୁରମା ପାଢ଼ୀଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ବିଧାନସଭାର ସଚିବ ଶ୍ରୀ ଦାଶରଥୀ ଶତପଥୀ ଉପସ୍ଥିତ ଥିଲେ ।

# ଦାୟିତ୍ୱହୀନ ମନ୍ତବ୍ୟ ପାଇଁ ଖାଦ୍ୟ ଯୋଗାଣ ମନ୍ତ୍ରୀ ରାଜ୍ୟବାସୀଙ୍କ ସମ୍ମୁଖରେ କ୍ଷମା ପ୍ରାର୍ଥନା କରନ୍ତୁ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କନ୍ଧମାଳ ଅଞ୍ଚଳର ଦାରିଙ୍ଗବାଡି ବ୍ଲକର ମାଣ୍ଡିପଙ୍କା ଗାଁରେ ଆମ୍ବ ଟାକୁଆ ଯାଉ ଖାଇ ଦୁଇ ଜଣ ମହିଳା ମୃତ୍ୟୁବରଣ କରିଥିବା ଓ ଛଅ ଜଣ ମହିଳା ଗୁରୁତର ହୋଇଥିବା ଘଟଣାରେ ରାଜ୍ୟ ସରକାରଙ୍କ ପିଡିଏସ୍ ବଣ୍ଟନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଯୋଗୁଁ ଏଭଳି ଅଭାବନୀୟ ସ୍ଥିତି ଉପୁଜିଲା ବୋଲି ବିଜେଡି ତରଫରୁ କୁହାଯାଇଛି। ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ମୁଖପାତ୍ର ସଞ୍ଜୟ ଦାସବର୍ମା କହିଥିଲେ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ନିୟମ ଅନୁଯାୟୀ ରାଜ୍ୟରେ ରାସନ ବଣ୍ଟନର ସୁଷମ ବ୍ୟବସ୍ଥା ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱ। କିନ୍ତୁ ଏବେ ରାଜ୍ୟ ସରକାର ଏହାକୁ ଠିକ୍ ଭାବେ କରୁନାହାନ୍ତି। ଯେଉଁଥି ପାଇଁ ଏପରି ଘଟଣା ଘଟିଛି। ଉଲ୍ଲେଖଯୋଗ୍ୟ ଜାତୀୟ ଖାଦ୍ୟ ସୁରକ୍ଷା





ଯୋଜନା ବ୍ୟତୀତ ରାଜ୍ୟରେ ନବୀନ ସରକାରଙ୍କ ଦ୍ୱାରା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଲାଗୁ କରାଯାଇଛି, ଯାହା ମାଧ୍ୟମରେ ଅଧିକ ପଚିଶ ଲକ୍ଷ ଲୋକଙ୍କୁ ମୁଣ୍ଡ ପିଛା ପାଞ୍ଚ କେଜି ଚାଉଳ ପ୍ରତି ମାସ ପ୍ରଦାନ କରାଯାଉଛି। ରାଜ୍ୟରେ ଖାଦ୍ୟ ସୁରକ୍ଷା ଯୋଜନା ଅନୁଯାୟୀ ତିନି ମାସର ରାସନ ବଣ୍ଟନ ପାଇଁ ୨୭ ସେପ୍ଟେମ୍ବର ଦିନ ଅର୍ଡର ବାହାରି ଥିଲା, ଯାହା ପଚିଶ ଦିନ ଭିତରେ ବଣ୍ଟନ କାର୍ଯ୍ୟ ଶେଷ ହେବା କଥା। କିନ୍ତୁ, ଏକ ମାସରୁ ଉର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ ମାଣ୍ଡିପଙ୍କା ଅଞ୍ଚଳରେ ଏହି ରାସନ ବଣ୍ଟନ କରାଯାଇ ନଥିଲା। ଏହି ଘଟଣା ଘଟିଯିବା ପରେ ତରବରିଆ ଭାବେ ୨ ନଭେମ୍ବର ଦିନ ରାସନ ବଣ୍ଟନ କରାଯାଇଥିଲା। ରାସନ ବଣ୍ଟନ ହୋଇପାରି ନଥିବା କଥାକୁ ଜିଲ୍ଲାପାଳ ସ୍ୱୀକାର କରିଛନ୍ତି ବୋଲି ଶ୍ରୀ ଦାସବର୍ମା କହିଥିଲେ। ଶ୍ରୀ ଦାସବର୍ମା କହିଲେ, ଏହି ସମ୍ବେଦନଶୀଳ ଘଟଣାରେ ରାଜ୍ୟ ସରକାର ଘଟଣାକୁ ଗୁରୁତର ସହ ଗ୍ରହଣ କରିବା ପରିବର୍ତ୍ତେ ଅତ୍ୟନ୍ତ ଦାୟିତ୍ୱହୀନ ମନ୍ତବ୍ୟ ଦେଇଥିଲେ। ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଅପପୁଷ୍ଟି ହୋଇନି ବୋଲି ବୟାନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ସେହିପରି ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଆମ୍ବ ଟାକୁଆ ଜାଉ ଖାଇବା ସେହି ଅଞ୍ଚଳର ପାରମ୍ପରିକ ଖାଦ୍ୟ ବୋଲି କହିବା ଆହୁରି ଦୁର୍ଭାଗ୍ୟଜନକ ବୋଲି କହିଛି ବିଜେଡି । ଏଥିପାଇଁ ଓଡ଼ିଶା ଲଜ୍ଜିତ ଓ ଦୁଃଖିତ । ଏଥି ସହିତ ଘଟଣା ଘଟିଲା ବେଳେ ମୃତାହତ ହୋଇଥିବା ଲୋକଙ୍କ ଘରେ ପର୍ଯ୍ୟାପ୍ତ ପରିମାଣରେ ଚାଉଳ ଥିଲା ବୋଲି ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ତାଙ୍କର ଦାୟିତ୍ୱହୀନ ମନ୍ତବ୍ୟ ପାଇଁ ରାଜ୍ୟବାସୀଙ୍କ ସମ୍ମୁଖରେ କ୍ଷମା ମାଗନ୍ତୁ ବୋଲି ଶ୍ରୀ ଦାସବର୍ମା ଦାବି କରିଛନ୍ତି।

# ଚନ୍ଦ୍ରଶେଖରପୁର ବୋଇତବନ୍ଦାଣ ଉତ୍ସବ ନେଇ ଆଲୋଚନା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଚନ୍ଦ୍ରଶେଖରପୁର ବୋଇତବନ୍ଦାଣ କମିଟିର ଦ୍ୱିତୀୟ ପ୍ରସ୍ତୁତି ବୈଠକ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଲୁମ୍ବିନୀ ବିହାର ସ୍ଥିତ ପ୍ରୋଜେକ୍ଟ କ୍ୱାଟର ପରିସରରେ ଉପଦେଷ୍ଟା ସୁଧାଂଶୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକାରୀ ସଭାପତି ଯୁବନେତା ମନୋଜ କୁମାର ସାହୁ, ସଂପାଦକ କେଶବ ରଣା ବୋଇତବନ୍ଦାଣ ଘାଟ, ଚତୁର୍ଥପ୍ରହରୀ ଆୟୋଜନ ଉଦ୍‌ଘାଟନୀ ଉତ୍ସବ, ବୋଇତ ଭାଷା ଉତ୍ସବ ପାଇଁ ଅତିଥିଙ୍କୁ ନିମନ୍ତ୍ରଣ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ବୈଠକରେ ଯୁବ ସମାଜସେବୀ ଅଭୟ କୁମାର ବଡ଼ଜେନା, ବରିଷ୍ଠ ସଭ୍ୟ ପଦ୍ମଲୋଚନ ସାହୁ, ବିଚିତ୍ରାନନ୍ଦ ରାଉତରାୟ, ଧରଣୀଧର ବିଶ୍ୱାଳ, ପ୍ରଶାନ୍ତ କୁମାର ଦାସ, ଦେବ ଚୌଧୁରୀ, ପଦ୍ମନାଭ କର, ନିର୍ଦ୍ଦେଶିକା ମିଲି ରଣା, ତରୁଣ କୁମାର ସେନାପତି, ସଞ୍ଜୟ ନାୟକ, ପ୍ରଭାତୀ ପାଣି, ସୁରେଖା ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପ୍ରାଥମିକ ଆକଳନ...

ହୋଇଛି ବୋଲି ସେ କହିଛନ୍ତି । ମନ୍ତ୍ରୀ ଶ୍ରୀ ପୂଜାରୀ ବାତ୍ୟା କ୍ଷୟକ୍ଷତି ସମ୍ପର୍କିତ ବିଭାଗଓ୍ୱାରୀ ହିସାବ ଦେଇଛନ୍ତି। ଏହି ଅନୁସାରେ ଶକ୍ତି ବିଭାଗ ବେଶୀ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ତେବେ ଚୂଡାନ୍ତ ରିପୋର୍ଟ ଆସିବା ପରେ ପ୍ରକୃତ କ୍ଷୟକ୍ଷତି ସ୍ପଷ୍ଟ ହେବ ବୋଲି ମନ୍ତ୍ରୀ କହିଛନ୍ତି । ରିପୋର୍ଟ ଆସିଲା ପରେ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦିଆଯିବ। ଏହାସହ ଚୂଡ଼ାନ୍ତ ଆକଳନ ପରେ କେନ୍ଦ୍ରକୁ କ୍ଷତିପୂରଣ ପାଇଁ ରିପୋର୍ଟ ଦିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ସେପଟେ କେନ୍ଦ୍ର ସହାୟତା ରାଶି ଦେବା ପୂର୍ବରୁ ରାଜ୍ୟ ନିଜସ୍ୱ ପାଣ୍ଠି ବାଣ୍ଟିବ ବୋଲି ମଧ୍ୟ ସୂଚନା ମିଳିଛି।

## କଂଗ୍ରେସ ଓ ଇଣ୍ଡିଆ ...

ଓ ହଇରାଣ କରିଥିବା ମଧ୍ୟ ମୋଦି ଅଭିଯୋଗ କରିଛନ୍ତି। ସୀତା ସୋରେନ ହେଉଛନ୍ତି କଂଗ୍ରେସ ସହଯୋଗୀ ଜେଏମଏମର ମୁଖ୍ୟ ତଥା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଭାଉଜ। ସେ ଝାରଖଣ୍ଡରେ ବିଜେପି ଟିକେଟରେ ଏଥର ନିର୍ବାଚନ ଲଢୁଛନ୍ତି । ତେଣୁ ମୋଦି ତାଙ୍କ ପାଇଁ ଭୋଟ ମାଗି ଉଭୟ କଂଗ୍ରେସ ଓ ଜେଏମଏମକୁ ଟାର୍ଗେଟ କରିଛନ୍ତି । ନିକଟରେ କଂଗ୍ରେସ ନେତା ଇରଫାନ ଅନସାରୀ ବିଜେପି ପ୍ରାର୍ଥୀ ସୀତା ସୋରେନଙ୍କୁ ଟାର୍ଗେଟ କରିଥିଲେ। ମୋଦି କହିଛନ୍ତି, ସେମାନେ ଆମ ସୀତା ସୋରେନଙ୍କ ସହ ଯାହା ସବୁ କରିଛନ୍ତି, ସେସବୁ ଆମେ ଦେଖିଛୁ। କଂଗ୍ରେସର ଜଣେ ନେତା ଭଉଣୀ ସୀତା ସୋରେନଙ୍କ ସମ୍ପର୍କରେ ଯେଉଁ ବୟାନ ଦେଇଛନ୍ତି, ତାହା ସମସ୍ତ ଆଦିବାସୀ, ମା ଓ ଝିଅମାନଙ୍କ ପ୍ରତି ଅପମାନ। ସେହିପରି ମହାରାଷ୍ଟ୍ରରେ ମଧ୍ୟ ନିର୍ବାଚନ ଲଢୁଥିବା ଜଣେ ଭଉଣୀଙ୍କ ପ୍ରତି ସେମାନେ ଯେଉଁ ଭଳି ଅଭଦ୍ର ଭାଷା ପ୍ରୟୋଗ କରିଥିଲେ, ସେକଥା ମଧ୍ୟ ସମସ୍ତେ ଦେଖିଛନ୍ତି। ଏପରି ଭାଷା ପ୍ରୟୋଗ କରିବା ସେମାନଙ୍କ ଅଭ୍ୟାସ ହେଲେ ଏଠାରେ ଥିବା ମୁଖ୍ୟମନ୍ତ୍ରୀ ଏପରି ବୟାନ ବିରୋଧରେ ପଦୁଟିଏ ମଧ୍ୟ କହିଲେ ନାହିଁ । ଏହା ହେଉଛି ଜେଏମଏମର ଅସଲ ଚେହେରା । କ୍ଷମତା ଲୋଭରେ ଜେଏମଏମ ଆଦିବାସୀ ମହିଳାଙ୍କ ଅପମାନ ମଧ୍ୟ ସ୍ୱୀକାର କରି ନେଉଛି। କଂଗ୍ରେସ ଠାରୁ ଦେଶକୁ କୌଣସି ଆଶା ହିଁ ନାହିଁ। ମହାରାଷ୍ଟ୍ରରେ ମଧ୍ୟ ମହିଳା ନେତ୍ରୀଙ୍କ ପ୍ରତି କଂଗ୍ରେସର ସାଥୀମାନେ ଯେଉଁ ଭଳି କଥା ସବୁ କହୁଛନ୍ତି, ତାକୁ ପୂରା ଦେଶ ଦେଖିଛି। ମା ଓ ଝିଅମାନେ ଚମକି ପଡ଼ିଛନ୍ତି। ଦେଶର ମା ଓ ଝିଅମାନଙ୍କ ପ୍ରତି କଂଗ୍ରେସ ଏବଂ ତାର ସାଥୀମାନେ ଏପରି ଭାଷା ପ୍ରୟୋଗ କରୁଛନ୍ତି । କଥା ଭାବି ସେମାନେ ପୂରା ସ୍ତବ୍ଧ। ଏଥିପାଇଁ ମହାରାଷ୍ଟ୍ରର ଲୋକମାନେ କଂଗ୍ରେସ ଓ ତାର ସାଥୀମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବାକୁ ଅପେକ୍ଷା କରି ରହିଛନ୍ତି।

## ଉତ୍ତରାଖଣ୍ଡ ବସ୍ ...

ପାଣ୍ଠିରୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ମୃତକଙ୍କ ପରିବାର ପାଇଁ ପ୍ରତ୍ୟେକଙ୍କୁ ୪ ଲକ୍ଷ ଟଙ୍କା ଏବଂ ଆହତଙ୍କ ପାଇଁ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଘୋଷଣା କରିଛନ୍ତି।

## ଅଦିନିଆ ରଥଯାତ୍ରା ...

ଆସ୍ଥା ଓ ବିଶ୍ୱାସ ସହ ନଖେଳିବାକୁ ଅନୁରୋଧ କରିଛନ୍ତି । ଯେହେତୁ ଏହା ଓଡ଼ିଆ ଅସ୍ମିତାର ପ୍ରଶ୍ନ, ତେଣୁ ଏହାକୁ ଅକ୍ଷୁର୍ଣ୍ଣ ରଖିବାକୁ ବିଦେଶ ମାଟିରୁ ଓଡ଼ିଶା ସରକାରଙ୍କୁ ମଧ୍ୟ ନିବେଦନ କରିଛନ୍ତି ।

## କେନ୍ଦ୍ରାପଡ଼ାରୁ ଓହରିନି...

ଆଉ ଏହା ପରେ ସୋମବାର କମ୍ପାନୀ ପକ୍ଷରୁ ଦିଆଯାଇଛି ସ୍ପଷ୍ଟୀକରଣ । କେନ୍ଦ୍ରାପଡ଼ାରେ ପ୍ରସ୍ତାବିତ ୨୪ ନିୟୁତ ଟନ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ଉଠିବନି ବୋଲି ସ୍ପଷ୍ଟୀକରଣରେ କୁହାଯାଇଛି।

କମ୍ପାନୀ ଏ ସମ୍ପର୍କରେ ସ୍ପଷ୍ଟୀକରଣ ରଖି କହିଛି ଯେ, କମ୍ପାନୀର ଏହି ପ୍ରକଳ୍ପ ପ୍ରତିଷ୍ଠା ନେଇ ପ୍ରକ୍ରିୟା ଜାରି ରହିଛି। କେନ୍ଦ୍ରାପଡ଼ା ଷ୍ଟିଲ ପ୍ଲାଣ୍ଟ ଏବେ ବିଭିନ୍ନ ସରକାରୀ ଅନୁମୋଦନ ପ୍ରକ୍ରିୟାରେ ରହିଛି। ଏହାଛଡ଼ା ଆର୍ସେଲର ମିତ୍ତଲ-ନିପ୍ପନ ଷ୍ଟିଲ ପାରାଦୀପରେ ମଧ୍ୟ ଏକ ୭ ନିୟୁତ ଟନ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ସ୍ଥାପନ କରୁଛି । ଏହି ପ୍ରକଳ୍ପ କାମ ମଧ୍ୟ ଚାଲୁ ରହିଛି।

କେନ୍ଦ୍ରାପଡାରୁ କମ୍ପାନୀର ପ୍ରସ୍ତାବିତ ପ୍ରକଳ୍ପ ଆନ୍ଧ୍ରପ୍ରଦେଶ ଚାଲି ଯାଉଥିବା ନେଇ ବିଜେଡି ଅଭିଯୋଗ କରିଥିଲା। ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଏଭଳି ଅଭିଯୋଗ ଆଣି ଓଡ଼ିଶା ପାଇଁ ଦୁର୍ଭାଗ୍ୟଜନକ କଥା ବୋଲି କହିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଜାପାନ ଯାଇ ଇସ୍ପାତ ପ୍ରକଳ୍ପ ପାଇଁ ଉଦ୍ୟମ କରିଥିଲେ ବି ବର୍ତ୍ତମାନର ବିଜେପି ସରକାର ପାଇଁ କମ୍ପାନୀ ପ୍ରକଳ୍ପ ସ୍ଥାନ ପରିବର୍ତ୍ତନ କରୁଥିବା କହିଥିଲା ବିଜେଡି।

## ଦୁର୍ଘଟଣା ପରେ...

ଏୟାରଫୋର୍ସ ପକ୍ଷରୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଯୁଦ୍ଧ ବିମାନଟି ସୋମବାର ମଧ୍ୟାହ୍ନ ସମୟରେ ପଞ୍ଜାବ ଆଦମପୁରରୁ ଉଡ଼ାଣ ଭରିଥିଲା। ଏହା ନିୟମିତ ଅଭ୍ୟାସ ପାଇଁ ଆଗ୍ରା ଆସୁଥିବା ବେଳେ ଗନ୍ତବ୍ୟ ସ୍ଥଳର କିଛି କିମି ପୂର୍ବରୁ ଦୁର୍ଘଟଣା ଗ୍ରସ୍ତ ହୋଇଛି।

ଦୁଇ ମାସ ମଧ୍ୟରେ ଦ୍ୱିତୀୟ ଥର ପାଇଁ କୌଣସି ମିଗ -୨୯ ବିମାନ ଦୁର୍ଘଟଣା ଗ୍ରସ୍ତ ହୋଇଛି। ସେପ୍ଟେମ୍ବର ମାସରେ ରାଜସ୍ଥାନର ବାରମେରରେ ମିଗ ୨୯ ବିମାନ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇଥିଲା ଓ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତେବେ ଏହା ମଧ୍ୟରେ ଥିବା ପାଇଲଟ ସୁରକ୍ଷିତ ଭାବେ ବାହାରି ଆସିବାକୁ ସକ୍ଷମ ହୋଇଥିଲେ।

## ୨୧ ତାରିଖରୁ ...

ନଭେମ୍ବର ତୃତୀୟ ସପ୍ତାହ ଅର୍ଥାତ ୨୧ ତାରିଖରୁ ଆରମ୍ଭ ହେବ ଧାନ କିଣା ପ୍ରକ୍ରିୟା। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ୨୩୦୦ ଟଙ୍କା ସହିତ ରାଜ୍ୟ ସରକାରଙ୍କ ତରଫରୁ ଇନ୍‌ପୁଟ ସହାୟତା ୮୦୦ ଟଙ୍କା ମିଶାଇ ଚଳିତ ବର୍ଷ ଧାନ କିଣା ଦର କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଧାନ କ୍ରୟ ପ୍ରକ୍ରିୟା ସୁବ୍ୟବସ୍ଥା ପାଇଁ ପ୍ରକ୍ରିୟାକୁ ଶେଷ ହେବା ଯାଏ ମଣ୍ଡିରେ ରହିବେ ଅଧିକୃତ ଅଧିକାରୀ। ଏଥି ସହିତ ୪ ରୁ ୫ ଟି ମଣ୍ଡିକୁ ନେଇ ଜଣେ ଲେଖାଁଏ ସୁପରଭାଇଜର ରହିବେ। ମଣ୍ଡିରେ ରହିବ କ୍ୱାଲିଟି ଟେଷ୍ଟିଂ ମେସିନ। ଅଗାଡି ଏଫଏକ୍ୟୁ ଧାନକୁ ଯାଞ୍ଚ କରାଯିବ। ମଣ୍ଡିରୁ ରାଇସ ମିଲ ପର୍ଯ୍ୟନ୍ତ ଧାନ ପରିବହନ ବ୍ୟବସ୍ଥା ତଦାରଖ କରିବ ପରିବହନ ବିଭାଗ । ସେପଟେ ପଡୋଶୀ ରାଜ୍ୟରୁ ଧାନ ଯେମିତି ଓଡ଼ିଶା ମଧ୍ୟକୁ ପ୍ରବେଶ ନକରେ ତା ପାଇଁ ପେଟ୍ରୋଲିଂ ଟିମ ମୁତୟନ ସହ ସିସିଟିଭି ବ୍ୟବସ୍ଥା କରାଯିବ। ଚାଷୀଙ୍କ ଧାନ ବିକ୍ରି ଟୋକନ ଲ୍ୟାପସ ନହେବା ପାଇଁ ବ୍ୟବସ୍ଥା କରାଯାଇଛି । ତ୍ୱରିତ ନିଷ୍ପତ୍ତି ନେବା ପାଇଁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀଙ୍କ ସୁରକ୍ଷା, କଟ୍‌ନିଛଟ୍‌ନି ମୁକ୍ତ ଧାନ କିଣା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ।

# ସୃଜନୀ ଆୟୋଜିତ ନାରାୟଣ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ







**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଶାର ଅଗ୍ରଣୀ ସାହିତ୍ୟ, ସାଂସ୍କୃତିକ ଓ ସମାଜସେବାର ଉତ୍ସର୍ଗୀକୃତ ଅନୁଷ୍ଠାନ ସୃଜନୀ ଆନୁକୂଲ୍ୟରେ ଆୟୋଜିତ "ନାରାୟଣ ନାଟ୍ୟ ମହୋତ୍ସବ ୨୦୨୪" ସ୍ଥାନୀୟ ଭଞ୍ଜକଳା ମଣ୍ଡପ ଠାରେ ଉଦ୍‌ଘାଟିତ ହୋଇଯାଇଛି। ବିଶିଷ୍ଟ ନାଟ୍ୟକାର, କଳାକାର, କବି, ନିର୍ଦ୍ଦେଶକ, ସଂଗଠକ ଓ ସ୍ରଷ୍ଟା ନାରାୟଣ ଚନ୍ଦ୍ର ରାୟମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ ଏହି ନାଟ୍ୟ ମହୋତ୍ସବରେ ଓଡ଼ିଶାର ଅଗ୍ରଣୀ ଚାରିଗୋଟି ନାଟ୍ୟ ସଂସ୍ଥା ଅଂଶ ଗ୍ରହଣ କରିଛନ୍ତି। ପ୍ରତ୍ୟେକ ଦିନ ସନ୍ଧ୍ୟା ୬.୩୦ରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଏହି ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହେଉଛି। ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ଏହି ନାଟ୍ୟ ମହୋତ୍ସବ ପାଳିତହେବ। ଏହି ନାଟ୍ୟ ମହୋତ୍ସବ ଉଦ୍‌ଘାଟନ ସନ୍ଧ୍ୟାରେ ଅତିଥି ଭାବରେ ଯୋଗଦେଇଥିଲେ ଭୁବନେଶ୍ୱର ଯୁବ ସମାଜସେବୀ ଜଗନ୍ନାଥ ପ୍ରଧାନ, ଓଡ଼ିଶା ସଂସ୍କୃତି ଜଗତର ବିଶିଷ୍ଟ ନାଟ୍ୟକାର ଅଭିନେତା ଅଂଶୁମୋଚନ ମହାନ୍ତି, ଲାଲା ବୀରେନ୍ ରାୟ, ବିନାୟକ ମିଶ୍ର, ଉପେନ୍ଦ୍ର ନାୟକ ଯୋଗଦେଇଥିଲେ। ସୃଜନୀର ସଭାପତି ଶରତ ରାଉତଙ୍କ ସଭାପତିତ୍ୱରେ ସମ୍ପାଦକ ଚିତ୍ତରଞ୍ଜନ ରାୟମହାପାତ୍ରଙ୍କ ଦ୍ୱାରା ସଭା କାର୍ଯ୍ୟ ପରିଚାଳିତ ହୋଇଥିଲା। ଏହି ସଭାରେ ସୃଜନୀର ଉପଦେଷ୍ଟା ସୂର୍ଯ୍ୟନାରାୟଣ ଦାସ, ନୃସିଂହ ମହାପାତ୍ର, ଶଶିପ୍ରଭା ଦାସ, ଶ୍ରୀ ବଳରାମ, ଅନିଲ ପଣ୍ଡା, ଅରୁଣ ମଲ୍ଲିକ, ପ୍ରଜ୍ଞା ରଥଙ୍କ ସହ ସୃଜନୀର ଉପସଭାପତି ପ୍ରସନ୍ନ ରଥ ଓ ମାନସ ରଞ୍ଜନ ରାୟ ମହାପାତ୍ର ଉପସ୍ଥିତ ଥିଲେ। ଏହି ଉତ୍ସବରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ସ୍ରଷ୍ଟା ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଦେଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ଉଦ୍‌ଘାଟନ ଉତ୍ସବରେ ନାଟ୍ୟଜଗତ ପାଇଁ ସ୍ୱର୍ଗତ ରାୟମହାପାତ୍ରଙ୍କ ଅବଦାନ ଉପରେ ଅତିଥିମାନେ ଆଲୋକପାତ କରିବା ସହିତ ସୃଜନୀ ଅନୁଷ୍ଠାନ ଆଗାମୀ ଦିନରେ ନାଟ୍ୟ ମହୋତ୍ସବ ଓ ନାଟ୍ୟ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ମତ ଦେଇଥିଲେ। ବର୍ତ୍ତମାନ ଯୁଗରେ ନାଟକର ମୂଲ୍ୟବୋଧକୁ ଦର୍ଶକମାନେ ଅନୁଭବ କରିବା ସହିତ ଏହାର ବହୁଳ ପ୍ରଚାର ଓ ପ୍ରସାର ପାଇଁ ନାଟ୍ୟ ପ୍ରେମୀମାନଙ୍କୁ ଅନୁରୋଧ କରିଥିଲେ। ପ୍ରଥମ ଦିନ ନାଟକ ପରିବେଷଣ ହୋଇଥିଲା 'କାହା ପାଇଁ କିଏ', ଏକ ସଚେତନତା ମୂଳକ ବିଭିନ୍ନ ଧରଣର ନାଟକ ପରିବେଷଣ ହୋଇଥିଲା। ଆଇ.ଇ.ଏସ୍. ଅଫିସର ପଙ୍କଜବାବୁ ଓ ସମାଜସେବୀ ବିଜୟନୀଙ୍କୁ ନେଇ 'କାହାପାଇଁ କିଏ' କାହାଣୀ ଗତିଶୀଳ, ପରିବାରର ସମସ୍ତେ ନିଜ ନିଜ ସ୍ୱାର୍ଥ ପାଇଁ ପରଶ୍ରୀକାତରତା ହୋଇପଡିଥିଲା ବେଳେ ନାୟକ ସୂର୍ଯ୍ୟ ପରିବାରର ଏ ବିପର୍ଯ୍ୟସ୍ତ ଅବସ୍ଥାକୁ ଦେଖି ନିଜ ଚାକିରୀ ଛାଡ଼ି ବାପାଙ୍କ ଗୁପ୍ତ ପରାମର୍ଶ ନେଇ ସୁଦୂର ବାଙ୍ଗାଲୋରରୁ ଚାଲିଆସେ । ଆଉ ଛଳନା କରେ ସିଏ ବି ନଷ୍ଟ ହୋଇ ଯାଇଛି କିନ୍ତୁ ସବୁ ସତକୁ ସାମ୍ନାକରି ଅନେକ ଘାତ ପ୍ରତଘାତ ସହି ଶେଷରେ ପଙ୍କଜବାବୁ ପରିବାରକୁ ବାନ୍ଧିଦେଇଛନ୍ତି ଏକ ଶକ୍ତ ପାରିବାରିକ ବନ୍ଧନରେ, ଆଉ ବୁଝେଇ ଦେଇଛନ୍ତି ପରିବାର ଅର୍ଥ କ'ଣ? ପାରିବାରିକ ବନ୍ଧନ କ'ଣ, ଆଉ କାହା ପାଇଁ କିଏ? କାହାପାଇଁ କିଏ ନାଟକର ସ୍ରଷ୍ଟା ସ୍ୱର୍ଗତ ନାରାୟଣ ଚନ୍ଦ୍ର ରାୟମହାପାତ୍ର ଏହି ନାଟକ ମାଧ୍ୟମରେ ସମାଜକୁ ଚେତେଇ ଦେଇଛନ୍ତି ଯେ ରକ୍ତ ସମ୍ପର୍କ ଠାରୁ ବଡ ସମ୍ପର୍କ ଆଉ କିଛି ନାହିଁ। ନାଟକକୁ ନିର୍ଦ୍ଦେଶନା ବିଭୁ ଦୀକ୍ଷିତ ଓ ବୈଷୟିକ ନିର୍ଦ୍ଦେଶନା ଚିରଞ୍ଜିବୀ ମହାରଣା ଦେଇଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ଆଲୋକ ଶତପଥୀ। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ବରିଷ୍ଠ ମଞ୍ଚ ସିନେମା ଅଭିନେତା ଜୀବନ ପଣ୍ଡା, ବୁଲୁ ପଣ୍ଡା, ବିଭୁ ଦୀକ୍ଷିତ, ଚିରଞ୍ଜିବୀ, ଶ୍ରୀନାରାୟଣ, ରୋଶନ୍, ସୀମା, କଳ୍ପନା, ଦେବୀ, ଶ୍ରେୟା, ମନୀଷା ଏବଂ ସିପ୍ରା। ମଞ୍ଚ-ତ୍ରୀମୂର୍ତ୍ତି ଆର୍ଟ, ପୋଷାକ ଓ ରୂପସଜ୍ଜା ମାମା, ଆଲୋକ ସଂପାଦନ ପ୍ରଶାନ୍ତ, ସଙ୍ଗୀତ ରାଜକୁମାର, ଅନିମେଶ୍ ।

## ପଣ୍ଡିତ ଗୋଦାବରୀଶଙ୍କ ଜୟନ୍ତୀ ଓ ଗୋଦାବରୀଶ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

# ଡ. ଅର୍ଚ୍ଚନା ନାୟକଙ୍କୁ ଗୋଦାବରୀଶ ସମ୍ମାନ ପ୍ରଦାନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଗୋଦାବରୀଶ ସାହିତ୍ୟ ସଂସଦର ୬୭ତମ ବାର୍ଷିକ ଉତ୍ସବ ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୩୮ତମ ଜୟନ୍ତୀ ସମାରୋହ ଗୀତ ଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ନୀଳାଦ୍ରିଭୂଷଣ ହରିଚନ୍ଦନ ସମାରୋହକୁ ଉଦ୍‌ଘାଟନ କରି ଗୋଦାବରୀଶଙ୍କ ଜୀବନୀ, କାବ୍ୟାଦର୍ଶ ସମ୍ପର୍କରେ ତାଙ୍କର ସୁଚିନ୍ତିତ ମତ ପ୍ରଦାନ କରିଥିଲେ। ସେହିପରି ମୁଖ୍ୟ ଅତିଥି ଭାବେ ଗାଳ୍ପିକ ଓ ବରିଷ୍ଠ ପ୍ରଶାସକ ରବି ନାରାୟଣ ସେନାପତି ଯୋଗଦେଇ ଗୋଦାବରୀଶଙ୍କ ଜୀବନୀ, ସାହିତ୍ୟ, ସମାଜସେବା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ବାଗ୍ମୀ ଡ. କୃଷ୍ଣକେଶବ ଷଡ଼ଙ୍ଗୀ ଗୋଦାବରୀଶଙ୍କ କୃତୀ, ଅର୍ଦ୍ଧଶତାବ୍ଦୀର ଇତିହାସ ଓ ଗୋଦାବରୀଶଙ୍କ ସ୍ଥାନ ତଥା ତାଙ୍କର ସାମଗ୍ରିକ କୃତୀ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସାହିତ୍ୟ ସଂସଦର ବରିଷ୍ଠ ସଭ୍ୟ ଡ. ଉପେନ୍ଦ୍ର ପ୍ରସାଦ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂସଦର ସମ୍ପାଦକ ଡ. ରାମଚନ୍ଦ୍ର ମହାନ୍ତି ବାର୍ଷିକ ବିବରଣୀ ପାଠ କରିବା ପରେ ସଂସଦର ମୁଖପତ୍ର 'ମୂର୍ଚ୍ଛନା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହାପରେ ଡ. ରାମଚନ୍ଦ୍ର ମହାନ୍ତିଙ୍କ କବିତା ସଂକଳନ 'ଦିବ୍ୟ ଅଦିବ୍ୟ', ଡ. ଉପେନ୍ଦ୍ର ପ୍ରସାଦ ନାୟକଙ୍କ 'ବିସ୍ତାରିତ ବିଶ୍ୱାସ'ର ବଙ୍ଗଳା ଅନୁବାଦ ଓ ତାଙ୍କର "ଆମ ପରିବେଶ ଆମ କାହାଣୀ', ସୁଲୋଚନା ବେହେରାଙ୍କ 'ଉତ୍କଳ ବୈଭବ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଗାଳ୍ପିକା, ଔପନ୍ୟାସିକା, ଗବେଷିକା ଡ. ଅର୍ଚ୍ଚନା ନାୟକଙ୍କୁ ଗୋଦାବରୀଶ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଗଳ୍ପ ପାଇଁ ଆନନ୍ଦ ଚନ୍ଦ୍ର ପହି, ରଶ୍ମି ସାମଲଙ୍କୁ 'କନକଲତା ସ୍ମୃତି ସମ୍ମାନ', ପ୍ରବନ୍ଧରେ ଡ. ସୁରେନ୍ଦ୍ର କୁମାର ମହାରଣାଙ୍କୁ 'ଦୁର୍ଗାଚରଣ ସ୍ମୃତି ସମ୍ମାନ', କବିତାରେ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦଙ୍କୁ 'ସାରସ୍ୱତ ସମ୍ମାନ', କୃଷ୍ଣଚନ୍ଦ୍ର ବଡ଼ପଣ୍ଡାଙ୍କୁ 'ଗଗନ ବିହାରୀ ସ୍ମୃତି ସମ୍ମାନ', ଅପରାଜିତା ବେସନଙ୍କୁ 'ଶୈଳବାଳା ସ୍ମୃତି ସମ୍ମାନ' ଓ ସାମଗ୍ରୀକ ସାହିତ୍ୟ କୃତୀ ପାଇଁ ଡ. ଉପେନ୍ଦ୍ର ପ୍ରସାଦ ନାୟକଙ୍କୁ 'ଇଚ୍ଛାମଣି ଦେବୀ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ସଂସଦର ସଭାପତି ରାଧାମୋହନ ମହାପାତ୍ର ଏହି ସଭାରେ ସଭାପତିତ୍ୱ କରିଥିବାବେଳେ ରଘୁନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ଆରମ୍ଭ ହୋଇଥିଲା । ଏଥିରେ ସଂସଦର ଉପସଭାପତି ବୈକୁଣ୍ଠନାଥ ପତି ସଭାପତିତ୍ୱ କରିଥିଲେ ଓ ବରିଷ୍ଠ ସଭ୍ୟ ଖଗେଶ୍ୱର ମହତାବ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କବି ଚମକ ଚାନ୍ଦିନୀ ଦାସ ଓ ସନ୍ଧ୍ୟାରାଣୀ ପୃଷ୍ଟିଙ୍କ ସଂଯୋଜନାରେ ଶତାଧିକ କବି, କବୟିତ୍ରୀ ସ୍ୱରଚିତ କବିତାପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂସଦର ବରିଷ୍ଠ ସଭ୍ୟ ଦେବେନ୍ଦ୍ର ନାଥ ଦାସ, ରଘୁନାଥ ସାହୁ, ଲକ୍ଷ୍ମୀଧର ସାହୁ, ଲାବଣ୍ୟ ଶବର, ମହିମା ପ୍ରସାଦ ପୃଷ୍ଟି, ତତ୍ତ୍ୱାବଧାରକ ଅନିରୁଦ୍ଧ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।


## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ECOR-2x25-OHETSS-CT-01, ତା.25.10.2024ରିଖ

**କାର୍ଯ୍ୟର ନାମ :** 3000MT ଲୋଡିଙ୍ଗ୍ ଲକ୍ଷ୍ୟକୁ ପୂରଣ କରିବା ନିମନ୍ତେ ଏକ ସମ୍ମିଶ୍ରିତ ବିଦ୍ୟୁତ୍ କାର୍ଯ୍ୟ ରୂପେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର କଟକ - ରାଜ ଅଠଗଡ଼ - ତାଳଚେର - ଅନୁଗୁଳ ଏବଂ ବାରଙ୍ଗ - ରାଜ ଅଠଗଡ଼ (କଟକ - ନିର୍ଗୁଣ୍ଡୀ ଏବଂ ବାରଙ୍ଗ ବ୍ୟତିତ) ସେକ୍ସନ ମଧ୍ୟରେ 1X25 KV ଟ୍ରାକ୍ସନ ସିଷ୍ଟମକୁ 2X25 KV ଟ୍ରାକ୍ସନ ସିଷ୍ଟମରେ ଉନ୍ନତୀକରଣ ସମ୍ବନ୍ଧୀୟ ଫିଡର ଲାଇନ୍, AEC ଓ BECର ଡିଜାଇନ୍, ଯୋଗାଣ, ଉତ୍ଥାପନ, ପରୀକ୍ଷଣ ଏବଂ ପ୍ରଚଳନ ଏବଂ 2X25 ସ୍କଟ୍ କନେକ୍ଟେଡ୍ 132/25 KV ଟ୍ରାକ୍ସନ ସବ୍-ଷ୍ଟେସନ, ସେକ୍ସନିଙ୍ଗ୍ ପୋଷ୍ଟ (SPs) ଏବଂ ସବ୍-ସେକ୍ସନିଙ୍ଗ୍ ପୋଷ୍ଟ (SSPs)ର ଡିଜାଇନ୍, ଯୋଗାଣ, ଉତ୍ଥାପନ, ପରୀକ୍ଷଣ ଏବଂ ପ୍ରଚଳନ । [151RKM/556TKM TSS- 3 ସଂଖ୍ୟକ (4L), SP-05 ସଂଖ୍ୟକ (4L) & SSP-07 ସଂଖ୍ୟକ (4L)].

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹3,32,80,53,936.77, ବିଡ୍ ସିକ୍ୟୁରିଟୀ : ₹ 1,00,00,000/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.12.2024ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଚାପ୍ଟର-2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-III)/ ଭୁବନେଶ୍ୱର

PR-83/CH/24-25


# ସମୁଦ୍ରରେ ଭାସୁଛି ଅଜଣା ବସ୍ତୁ ଦେଖିବାକୁ ଲୋକଙ୍କ ଭିଡ଼

**ଭୋଗରାଇ, ନ୍ୟୁଜ ବ୍ୟୁରୋ**
ସମୁଦ୍ରରେ ଭାସୁଛି ଅଜଣା ବସ୍ତୁ। ଓଡ଼ିଶା ସୀମାନ୍ତ ଭୋଗରାଇ ଉଦୟପୁର ସମୁଦ୍ରରେ ଏକ ବିରାଟକାୟ ଲୁହା ବସ୍ତୁ ଭାସୁଥିବାର ଦେଖିବାକୁ ମିଳିଛି। ଏହାକୁ ଦେଖିବା ପାଇଁ ଲୋକେ ମଧ୍ୟ ଏଠାରେ ଭିଡ଼ ଜମାଇଛନ୍ତି। ବାତ୍ୟା ଦାନା କାରଣରୁ ଏହା ଭୋଗରାଇ ଉଦୟପୁର ସମୁଦ୍ର ନିକଟକୁ ଭାସିଆସିଥିବା ଅନୁମାନ କରାଯାଉଛି।


"e" Tender Notice

i-274

**PANCHAYAT SAMITI, BALIANTA**

E-mail- ori-balianta@nic.in

No-3010 Date: 04.11.2024

**DETAIL TENDER CALL NOTICE NO. 02/PSB/2024-25**

1. Number of Civil works : 02 (Two)
2. Estimated Cost : Rs 11,68,000/- to 12,29,000/-
3. Period of completion : 03(Three) Calender Months
4. Availability of Tender online for biding: 05.11.2024 at 11.00 AM to 14.11.2024 up to 5.00 P.M.
5. Last Date/Time of seeking Tender Clarification : 14.11.2024 up to 5.00 P.M.
6. Date & time of opening of Tender : 18.11.2024 at 11.00 A.M.
7. Further the details can be seen from the web site (http://www.tenderodisha.gov.in)

OIPR-19265/11/0002/2425

Block Development Officer
Balianta



A-499

**OFFICE OF SUPERINTENDING ENGINEER**
**MINOR IRRIGATION DIVISION, CUTTACK**
**Letter No. 4075/Dt. 30.10.2024**
**GOVERNMENT OF ODISHA e-Procurement Notice**
**Bid Identification No. on line SECMID-13 /2024-25**
eemidcuttack@yahoo.co.in
eemidcuttack@yahoo.co.in

1. Name of work :- Improvement of MIPs under CAPEX Road and Capex Lining scheme in MI Sub-Division Athagarh, Baramba, Narasinghpur & Tangi- Choudwar.
2. Total Number of work :- 07 (Seven) no.
3. Estimated cost :- Varies from Rs. 58.80 lakhs to Rs. 83.62 lakhs
4. Tender paper Cost(Online) :- Rs.10,000/-
5. Bid Security (*Online*) :- As per DTCN
6. Period of Completion :- As per DTCN
7. Availability of Bid Document :- From 06.11.2024, 10.00 AM to 19.11.2024 , 5.00 PM in website (www.tendersorissa.gov.in)
8. Last date & Time of receipt :- 19.11.2024 at 5.00 PM through online Bid .
9. Date of opening of Technical Bid documents :- 20.11.2024 - at 11.00 A.M in the office of the SE, M.I. Division, Cuttack.
10. Date of opening of Financial Bid Documents :- 26.11.2024 at 11.00 A.M in the office of the SE, M.I. Division, Cuttack.
11. Date of Lottery, if required :- 30.11.2024 at 12.00 Noon in the office of the SE, M.I. Division, Cuttack
12. Name and address of the OIT :- Superintending Engineer, M.I. Division, Cuttack. P.O :- Nayabazar, Cuttack. Phone :- 0671-2443622 PINCODE :- 753004

Further details can be seen from the Government of Odisha Web-Site www.tendersorissa.gov.in

OIPR-32121/11/0015/2425

Superintending Engineer
M.I. Division, Cuttack

ଭୁବନେଶ୍ୱର
୫ ନଭେମ୍ବର
ମଙ୍ଗଳବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/25-27

## ଶ୍ରୀମନ୍ଦିରରେ ହରିହର ବେଶରେ ଦର୍ଶନ ଦେଲେ ବଡ଼ଠାକୁର



**ପୁରୀ, ୪/୧୧ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ସୋମବାର ବଡ଼ଠାକୁରଙ୍କ ହରିହର ବେଶ ଅନୁଷ୍ଠିତ ହୋଇଛି। ମହାପ୍ରଭୁଙ୍କ ଅବକାଶ ନୀତି ପରେ ବଡ଼ଠାକୁରଙ୍କୁ ହରିହର ବେଶରେ ସଜ୍ଜିତ କରାଯାଇଛି। ବଡ଼ଠାକୁରଙ୍କୁ ହର ବା ଶିବ ବୋଲି ବିବେଚନା କରାଯାଉଥିବା ବେଳେ ଏହି ବେଶରେ ହରି ଓ ହରଙ୍କ ଆତ୍ମୀୟତା ପ୍ରସ୍ଫୁଟିତ ହୋଇଥାଏ। ଏହି ବେଶରେ ବଡ଼ଠାକୁର ଅର୍ଦ୍ଧେକ ଧଳା ଓ ଅର୍ଦ୍ଧେକ କଳା ଦିଶିବା ସହ ୩୨ ପ୍ରକାର ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥିଲେ। କିନ୍ତୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ରାଧା ଦାମୋଦର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଛନ୍ତି। ପୁଷ୍ପାଳକ ସେବକମାନେ ବଡ଼ଠାକୁରଙ୍କୁ ହରିହର ବେଶରେ ଏବଂ ଶ୍ରୀଜଗନ୍ନାଥଙ୍କୁ ରାଧାଦାମୋଦର ବେଶରେ ସଜ୍ଜିତ କରାଇଥିଲେ।

## ମା' ଭଦ୍ରକାଳୀଙ୍କ ଜଗଦ୍ଧାତ୍ରୀ ବେଶ



**ଭଦ୍ରକ, ୪/୧୧ ନ୍ୟୁଜ ବ୍ୟୁରୋ**

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ବିଷ୍ଣୁ ମାତା ଆଦ୍ୟାଶକ୍ତି ମା' ଭଦ୍ରକାଳୀ ସୋମବାର ସପ୍ତ ମାତୃକା ବେଶର ପଞ୍ଚମ ଦିବସରେ ଜଗଦ୍ଧାତ୍ରୀ ବେଶରେ ପୂଜା ପାଇଛନ୍ତି। ମା'ଙ୍କର ଜଗଦ୍ଧାତ୍ରୀ ବେଶକୁ ଦର୍ଶନ କରିବା ପାଇଁ ପୀଠରେ ଭକ୍ତ ମାନଙ୍କର ଗହଳି ଲାଗିଥିଲା। ଜଗଦ୍ଧାତ୍ରୀ ବେଶରେ ମା'ଙ୍କର ମୁଖ ମଣ୍ଡଳ କୃଷ୍ଣ ବର୍ଣ୍ଣ ଥିବା ବେଳେ ମା' ନାଲି ପାଟ ବସ୍ତ୍ର ପରିଧାନ କରିଥିଲେ। ଦକ୍ଷିଣ ହସ୍ତ ଯୁଗଳରେ ଶଙ୍ଖ, ଚକ୍ର ଧାରଣ କରିଥିବା ବେଳେ ବାମ ହସ୍ତ ଯୁଗଳରେ ତ୍ରିଶୂଳ ଓ ଗଦା ଧାରଣ କରିଥିଲେ। ବ୍ୟାଘ୍ର ବାହନରେ ବିରାଜମାନ କରି ମା' ଭକ୍ତମାନଙ୍କୁ ଚତୁର୍ଭୁଜା ମୂର୍ତ୍ତିରେ ଦର୍ଶନ ଦେଇଥିଲେ। ମା' ଜଗତକୁ ଧାରଣ କରିଛନ୍ତି, ସେ ପୋଷଣ କରୁଛନ୍ତି ପୁଣି ପାଳନ ମଧ୍ୟ କରୁଛନ୍ତି । ସେ ଆଦି ପୁଣି ସେ ଅନାଦି, ସେ ଆରମ୍ଭ ପୁଣି ସେ ଅନନ୍ତ। ସୃଷ୍ଟିର ଜୀବ ଜଗତ, ପ୍ରାଣୀ ଜଗତ, ଉଦ୍ଭିଦ ଜଗତ ସବୁଠି ତାଙ୍କର ଶକ୍ତି ଓ ସତ୍ତା ଅନୁଭୂତ ହୁଏ। ଜଗଦ୍ଧାତ୍ରୀ ବେଶରେ ମା'ଙ୍କୁ ଦର୍ଶନ କଲେ ଭକ୍ତର ସମସ୍ତ ମନସ୍କାମନା ପୂର୍ଣ୍ଣ ହେବା ସହ ଭକ୍ତ ବହୁ ଶକ୍ତିର ଅଧିକାରୀ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଶାସ୍ତ୍ର ମତାନୁସାରେ ଦେବତାମାନେ ମଧ୍ୟ ମା'ଙ୍କୁ ଜଗଦ୍ଧାତ୍ରୀ ରୂପରେ ପୂଜା କରି ଶକ୍ତି ପ୍ରାପ୍ତ ହୋଇଥାନ୍ତି। ମହାଯଜ୍ଞର ପଞ୍ଚମ ଦିବସରେ ପୀଠରେ ନମଃ ଭଗବତେ ବାସୁଦେବାୟଃ ମନ୍ତ୍ରରେ ଆହୁତି ସହିତ ଗୀତା ପାଠ, ଶତ ଚଣ୍ଡିପାଠ, ବେଦ ପାଠରେ ମା'ଙ୍କ ପୀଠ ପ୍ରକମ୍ପିତ ହୋଇଥିଲା। ସନ୍ଧ୍ୟା ଆଳତି ପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଭଜନ ସନ୍ଧ୍ୟାରେ ଆଧ୍ୟାତ୍ମିକ ଭଜନ ଶ୍ରୋତାମାନଙ୍କ ମନ ମୋହିଥିଲା। ମଙ୍ଗଳବାର ମା'ଭକ୍ତଙ୍କୁ ମହସରସ୍ୱତୀ ବେଶରେ ଦର୍ଶନ ଦେବାକୁ ଥିବା ବେଳେ ବୁଧବାର ମା'ଙ୍କର୍ ମହାଲକ୍ଷ୍ମୀ ବେଶ ସହ ମହାଯଜ୍ଞର ପୂର୍ଣ୍ଣାହୁତି ହେବାର କାର୍ଯ୍ୟକ୍ରମ ରହିଛି।

## କାର୍ତ୍ତିକ ମାସର ତୃତୀୟ ସୋମବାର : ଚଳଚଞ୍ଚଳ ଧବଳେଶ୍ୱରଙ୍କ ପୀଠ



**କଟକ, ୪/୧୧ ନ୍ୟୁଜ ବ୍ୟୁରୋ**

କାର୍ତ୍ତିକ ମାସର ତୃତୀୟ ସୋମବାରରେ ଶ୍ରକ୍ଷେତ୍ର ପୁରୀ ସହ ରାଜ୍ୟର ସମସ୍ତ ଶୈବପୀଠ ଗୁଡିକ ଚଳଚଞ୍ଚଳ ହୋଇଉଠିଛି । ସୋମବାର ଅବସରରେ ଆଠଗଡ଼ର ବାବା ଧବଳେଶ୍ୱରଙ୍କ ପୀଠରେ ପ୍ରବଳ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଛି। ଭୋର ୪ଟାରୁ ମନ୍ଦିରର ପହଡ ଖୋଲାଯାଇ ୧୦୮ ସୁବାସିତ ଜଳରେ ବାବାଙ୍କୁ ସ୍ନାନ କରାଯିବା ପରେ ମଙ୍ଗଳଆଳତୀ, ମଇଲମ୍, ବାଳଭୋଗ ଆଦି ନୀତିକାନ୍ତି ସମ୍ପନ୍ନ ହୋଇଛି। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରାଯାଇଥିଲା। କାର୍ତ୍ତିକ ସୋମବାର ମହାଦେବଙ୍କୁ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏଥିପାଇଁ କାର୍ତ୍ତିକ ମାସ ସାରା ଓଡ଼ିଶାର କୋଣ ଅନୁକୋଣରୁ ଲକ୍ଷାଧିକ ଭକ୍ତଙ୍କ ସୁଅ ଛୁଟେ। ସେହିପରି ନୟାଗଡ଼ ଜିଲ୍ଲାର ଲଡୁବାବାଙ୍କ ପୀଠରେ ଶହଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶରଣକୂଳରେ ମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି।

## ନୂଆ ଦିଲ୍ଲୀରେ କେନ୍ଦ୍ରୀୟ ହିନ୍ଦୀ ସମିତିର ୩୨ତମ ବୈଠକ

# ଓଡ଼ିଶାରେ ହିନ୍ଦୀ ଭାଷାର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବ

**ଭୁବନେଶ୍ୱର,୪/୧୧ ନ୍ୟୁଜ ବ୍ୟୁରୋ**

ସୋମବାର ନୂଆଦିଲ୍ଲୀରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ ହିନ୍ଦୀ ସମିତିର ୩୨ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡିଶାରେ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ପାଇଁ କେତେକ ପ୍ରସ୍ତାବ ରଖିଥିଲେ । ସେଗୁଡିକ ହେଲା- ଓଡିଶାରେ ସ୍ୱତନ୍ତ୍ର ହିନ୍ଦୀ ଶିକ୍ଷା ପ୍ରତିଷ୍ଠାନ ସ୍ଥାପନ-ରାଜ୍ୟରେ ଅଧିକ ସଂଖ୍ୟକ ହିନ୍ଦି ଶିକ୍ଷକ ସୃଷ୍ଟି କରିବା ଏବଂ ହିନ୍ଦୀ ସାହିତ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ସ୍ୱତନ୍ତ୍ର ହିନ୍ଦୀ ଶିକ୍ଷା ପ୍ରତିଷ୍ଠାନର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଓଡ଼ିଆ-ହିନ୍ଦି ଅନୁବାଦ କେନ୍ଦ୍ର ପ୍ରତିଷ୍ଠା- ଓଡ଼ିଆ ଓ ହିନ୍ଦି ଭାଷାର ପ୍ରଚାର ପ୍ରସାର ପାଇଁ ଉଭୟ ଭାଷାର ଅନବଦ୍ୟ ସାହିତ୍ୟିକ କୃତି ଏବଂ ଅନ୍ୟାନ୍ୟ ରଚନା ଗୁଡିକର ଅନୁବାଦ ଆବଶ୍ୟକ । ଏଥି ପାଇଁ କେନ୍ଦ୍ର ସରକାରଙ୍କ ରାଜଭାଷା ବିଭାଗର ଆର୍ଥିକ ସହାୟତାରେ ଏକ ସ୍ୱତନ୍ତ୍ର ଅନୁବାଦ କେନ୍ଦ୍ର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ। ଅଧିକ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମର ଆୟୋଜନ- ହିନ୍ଦୀ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ମଧ୍ୟରେ ଅଧିକ ସାଂସ୍କୃତିକ ବିନିମୟ ପାଇଁ ଜାତୀୟ ଓ ରାଜ୍ୟ ସ୍ତରରେ ଅଧିକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ଆବଶ୍ୟକ । ଏହି ସବୁ କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର କବି, ସାହିତ୍ୟିକ, ଲେଖକ ଓ ବୁଦ୍ଧିଜୀବୀମାନେ ଅଂଶଗ୍ରହଣ କରିବା ଆବଶ୍ୟକ। ଏହା ଦ୍ୱାରା ହିନ୍ଦୀ ଓ ଓଡ଼ିଆ ମଧ୍ୟରେ ସାହିତ୍ୟିକ ଓ ସାଂସ୍କୃତିକ ସମ୍ବନ୍ଧ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରସ୍ତାବରେ କହିଥିଲେ। ଉଭୟ ଭାଷାରେ ଅନୁସନ୍ଧାନ ଓ ଗବେଷଣା ପାଇଁ ଓଡ଼ିଶାରେ ଏକ ଇଣ୍ଟର-ଲାଙ୍ଗୁଏଜ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ସ୍ଥାପନା କରାଯିବା ଆବଶ୍ୟକ । ଏହା ଦ୍ୱାରା ଉଭୟ ଭାଷାର ପାରସ୍ପରିକ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଶିକ୍ଷା ବ୍ୟବସ୍ଥାରେ ହିନ୍ଦୀ ଶିକ୍ଷାଦାନ ପାଇଁ ଆବଶ୍ୟକୀୟ ସମ୍ବଳ ପାଇଁ ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ ଏବଂ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ରଖିଥିଲେ। ଏହା ସହିତ ହିନ୍ଦୀ ସାହିତ୍ୟର ବିକାଶ ପାଇଁ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକୁ ସ୍ୱତନ୍ତ୍ର ଅନୁଦାନ ଏବଂ ସହଯୋଗ ପ୍ରଦାନ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ମନ୍ତ୍ରିମଣ୍ଡଳର ଅନେକ ସଦସ୍ୟ, କଟକ ସାଂସଦ ଭର୍ତ୍ତୃହରି ମହତାବ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

## ବାଣ ବ୍ୟାନ୍ ସତ୍ତ୍ୱେ କେମିତି ବଢ଼ିଲା ପ୍ରଦୂଷଣ ?

# ଦିଲ୍ଲୀର ଆପ୍ ସରକାରଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୪/୧୧**



ଦୀପାବଳିରେ ବାଣ ବ୍ୟାନ ହେବା ସତ୍ତ୍ୱେ ଦିଲ୍ଲୀରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଇଛି । ଏନେଇ ଆମିକସ୍ କ୍ୟୁରି ସୁପ୍ରିମକୋର୍ଟରେ ଜଣାଇଛନ୍ତି । ବାଣ ଉପରେ ବ୍ୟାନ ଲାଗିଥିବା ସତ୍ତ୍ୱେ କାହିଁକି ପ୍ରଦୂଷଣ ବଢ଼ିଲା ବୋଲି ଦିଲ୍ଲୀ ସରକାରଙ୍କୁ ପ୍ରଶ୍ନ କରିଛନ୍ତି ସୁପ୍ରିମକୋର୍ଟ । ବାଣ ଉପରେ ଲାଗିଥିବା ପ୍ରତିବନ୍ଧକକୁ କାହିଁକି ସଠିକ ଢ଼ଙ୍ଗରେ ଲାଗୁ କରାଗଲା ନାହିଁ ବୋଲି ଦିଲ୍ଲୀର ପୋଲିସ କମିଶନରଙ୍କୁ ନୋଟିସ କରି ଜବାବ ମାଗିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ସେପଟେ ପ୍ରଦୂଷଣ କାହିଁକି ବଢ଼ିଲା ଦିଲ୍ଲୀ ସରକାର ତୁରନ୍ତ ଜବାବ ଦିଅନ୍ତୁ ବୋଲି କୋର୍ଟ କହିଛନ୍ତି । ଦିଲ୍ଲୀ ସରକାରଙ୍କ ଉପରେ ବର୍ଷିବା ସହ ବାଣ ଉପରେ ଲାଗିଥିବା ପ୍ରତିବନ୍ଧକ ପାଳନ ଦିଗରେ ଦିଲ୍ଲୀ ସରକାର ବିଫଳ ହୋଇଥିବା ନେଇ ମିଡିଆ ରିପୋର୍ଟସରୁ ଜାଣିବାକୁ ମିଳିଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଦିଲ୍ଲୀରେ ବାଣ ଫୁଟାଇବା ଉପରେ ସଂପୂର୍ଣ୍ଣ ରୂପେ ରୋକ ଲଗାଇବାରେ ବିଫଳ ହୋଇଥିବା ଦିଲ୍ଲୀ ପୋଲିସ କମିଶନରଙ୍କୁ ନୋଟିସ କରାଯାଇଛି । ଦୀପାବଳି ଦିନ ଦିଲ୍ଲୀରେ ବାୟୁର ମାନ ଖରାପ ଥିଲା । ଏହା ପରେ ଲୋକେ ବାଣ ଫୁଟଇବା ଦ୍ୱାରା ଦିଲ୍ଲୀର ବାୟୁ ଆହୁରି ପ୍ରଦୂଷିତ ହୋଇଛି । ବାୟୁ ପ୍ରଦୂଷଣ ଲାଗି ଦିଲ୍ଲୀ ସରକାର କ'ଣ ସବୁ ପଦକ୍ଷେପ ନେଇଛନ୍ତି ସେନେଇ ଜଣାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ନଭେମ୍ବର ୧୪ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ । ସୋମବାର ମାମଲାରେ ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଛନ୍ତି, ପଞ୍ଜାବ ଏବଂ ହରିୟାଣାରେ ଗତ ୧୦ ଦିନ ମଧ୍ୟରେ ନଡ଼ା ଜାଳିବା ମାମଲା ବୃଦ୍ଧି ପାଇଛି । ଏଣୁ ଦୁଇ ରାଜ୍ୟ ସରକାର ଜବାବ ଦିଅନ୍ତୁ ବୋଲି ସୁପ୍ରମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## କାର୍ ଭିତରେ ଖେଳୁ ଖେଳୁ ଲକ୍ କରିଦେଲେ ଡୋର, ଚାଲିଗଲା ୪ ଶିଶୁଙ୍କ ଜୀବନ

**ଅହମ୍ମଦାବାଦ, ୪/୧୧**

କାର୍ ଡୋର ଖୋଲା ରଖିବା କେତେ ବିପଦପୂର୍ଣ୍ଣ ହୋଇଥାଏ ତାହା ଦେଖିବାକୁ ମିଳିଛି ଗୁଜରାଟର ଏକ ଘଟଣାରୁ। କାର୍ ଭିତରେ ଅଣନିଃଶ୍ୱାସୀ ହୋଇ ଚାଲିଯାଇଛି ୪ ଶିଶୁଙ୍କ ଜୀବନ। ସମସ୍ତ ଶିଶୁଙ୍କ ବୟସ ୨ରୁ ୭ ବର୍ଷ ମଧ୍ୟରେ। ଗୁଜରାଟର ଅମରେଲି ଅନ୍ତର୍ଗତ ରନ୍ଧିୟା ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ପୁଲିସ ସୂଚନା ଅନୁସାରେ, ପିଲମାନଙ୍କର ପରିବାର ଲୋକେ ସେମାନଙ୍କୁ ଘରେ ଛାଡ଼ି ଗାଁର ଏକ ଫାର୍ମ ହାଉସକୁ କାମ କରିବାକୁ ଯାଇଥିଲେ। ଘରେ ୭ ପିଲା ରହିଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ଖେଳୁ ଖେଳୁ ନିଜ ଘର ପାଖରେ ରଖାଯାଇଥିବା ଫାର୍ମ ହାଉସ ମାଲିକଙ୍କ କାର୍ ଭିତରେ ପଶିଯାଇଥିଲେ। ପରେ ସେମାନେ କାର୍ ଭିତରୁ ଡୋର ଲକ୍ କରିଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେଥିରୁ ବାହାରିପାରି ନ ଥିଲେ। ଯାହାଫଳରେ ଅଣନିଃଶ୍ୱାସୀ ହୋଇ ପିଲାମାନେ ପ୍ରାଣ ହରାଇଥିଲେ। ପରିବାର ଲୋକେ ଏବଂ ଫାର୍ମ ହାଉସ ମାଲିକ କାମ ସାରି ସନ୍ଧ୍ୟାରେ ଫେରିବା ପରେ କାର୍ ଭିତରୁ ୪ ପିଲାଙ୍କ ମୃତଦେହ ମିଳିଥିଲା। ଏହି ଘଟଣା ପରେ ଗ୍ରାମରେ ଶୋକର ବାତାବରଣ ଖେଳିଯାଇଛି।

## ଉପମୁଖ୍ୟମନ୍ତ୍ରୀଙ୍କ ସହ ନଜ୍ ଫାଉଣ୍ଡେସନ୍‌ର ମ୍ୟାନେଜିଂ ଡ଼ାଇରେକ୍ଟରଙ୍କ ସାକ୍ଷାତ ଆଲୋଚନା

# ଦାଦନ ଶ୍ରମିକ ସମସ୍ୟାର ସମାଧାନ ପାଇଁ ଫାଉଣ୍ଡେସନ୍ କାର୍ଯ୍ୟ କରିବାକୁ ଆଗ୍ରହୀ

**ଭୁବନେଶ୍ୱର,୪/୧୧ ନ୍ୟୁଜ ବ୍ୟୁରୋ**



ସୋମବାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ନଜ୍ ଇନ୍‌ଷ୍ଟିଚ୍ୟୁଟ୍‌ର ମ୍ୟାନେଜିଂ ଡ଼ାଇରେକ୍ଟର ଭି. ଶ୍ରୀରାମ ସୌଜନ୍ୟମୂଳକ ସାକ୍ଷାତକାର ଓ ଆଲୋଚନା କରିଛନ୍ତି । ଏହି ସାକ୍ଷାତକାର ସମୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ଏବଂ ନଜ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସିଇଓ ତଥା ଫାଉଣ୍ଡର ଅତୁଲ ସତ୍‌ଜିଆ ଉପସ୍ଥିତ ଥିଲେ । ସଂପ୍ରତି ରାଜ୍ୟରେ ଦାଦନଜନିତ ବିସ୍ଥାପନ ଏକ ପ୍ରମୁଖ ସମସ୍ୟା ରୂପେ ଉଭା ହୋଇଛି । ଏହାର ସମାଧାନ ପାଇଁ ସରକାର ତ୍ୱରିତ ବେଗରେ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନ କରିଛନ୍ତି । ଦାଦନ ଶ୍ରମିକଙ୍କ ସଂଖ୍ୟା ହ୍ରାସ ସହ ସେମାନଙ୍କ ପାଇଁ ସ୍ଥାୟୀ ରୋଜଗାରର ଅବସର ସୃଷ୍ଟି କରିବା ଦିଗରେ ଟାସ୍କଫୋର୍ସ କାର୍ଯ୍ୟ କରିବ । ନଜ୍ ଫାଉଣ୍ଡେସନ୍ ଦାଦନ ଶ୍ରମିକଙ୍କ ସହ ପ୍ରତ୍ୟକ୍ଷ ରୂପେ ଯୋଡ଼ି ହୋଇ ସେମାନଙ୍କ ଦକ୍ଷତା ଅନୁଯାୟୀ ଆୟ ପନ୍ଥା ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ ସହ ମିଶି କାର୍ଯ୍ୟକରିବାକୁ ଆଗ୍ରହୀ ବୋଲି ଫାଉଣ୍ଡେସନ୍ ପ୍ରସ୍ତାବ ଦେଇଥିଲେ । ନଜ୍ ଫାଉଣ୍ଡେସନ୍ ଝାଡଖଣ୍ଡ ସମେତ ଅନ୍ୟ ରାଜ୍ୟଗୁଡ଼ିକରେ ଜନଜାତିଙ୍କ ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଛି ବୋଲି ମ୍ୟାନେଜିଂ ଡ଼ାଇରେକ୍ଟର ଶ୍ରୀ ରାମ ପ୍ରକାଶ କରିଥିଲେ।

## ଆମ୍ବ ଟାକୁଆ ଖାଇ ୨ ମହିଳା ଗୁରୁତର ହେବା ଘଟଣା

# ଏସସିବି ଯାଇ ସ୍ୱାସ୍ଥ୍ୟାବସ୍ଥା ପଚାରିବୁଝିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

**କଟକ, ୪/୧୧ ନ୍ୟୁଜ ବ୍ୟୁରୋ**

ଆମ୍ବ ଟାକୁଆ ଖାଇ ଗୁରୁତର ହୋଇଥିବା ୨ ମହିଳାଙ୍କୁ ଏସସିବିରେ ଭର୍ତ୍ତି କରାଯାଇଛି। ଦାରିଙ୍ଗବାଡ଼ିର ଦୁଇ ମହିଳା ଜୀତା ମାଝୀ ଓ ଟୁନି ମାଝୀଙ୍କୁ ଗତ ରବିବାର ଏସସିବି ସ୍ଥାନାନ୍ତର କରାଯାଇଥିଲା। ତେବେ ସୋମବାର ଏସସିବି ଯାଇ ଉଭୟଙ୍କୁ ଭେଟିବା ସହ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରିବୁଝିବା ଏବଂ ମେଡିକାଲ୍ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ଏହା ପରେ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତିକ୍ରିୟା ଦେଇ କହିଛନ୍ତି, ମେଡିକାଲ ପକ୍ଷରୁ ଗୁରୁତରଙ୍କୁ ସମସ୍ତ ପ୍ରକାର ଉନ୍ନତ ଚିକିତ୍ସା ଦିଆଯାଉଛି। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ସେମାନଙ୍କ ଚିକିତ୍ସା କରୁଛନ୍ତି। ଡାକ୍ତରମାନେ ସମସ୍ତ ପ୍ରୟାସ କରୁଛନ୍ତି। ଆଗକୁ ଆମ୍ବ ଟାକୁଆ ନଖାଇବା ପାଇଁ ସେମାନଙ୍କୁ ସଚେତନ କରାଯିବ। ସେହିଭଳି ଚିକିତ୍ସା କରୁଥିବା ଡାକ୍ତର ଜୟନ୍ତ ପଣ୍ଡା କହିଛନ୍ତି ଆକ୍ରାନ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ଅଛି। ସେମାନଙ୍କ ଲିଭର, କିଡ୍‌ନୀ କାମ କରୁନାହିଁ। ଆକ୍ରାନ୍ତଙ୍କ ଡାଏଲିସିସ ସହ ବିଭିନ୍ନ ପରୀକ୍ଷା କରିବା ସହ ଚିକିତ୍ସା କରାଯାଉଛି। ଏସସିବିର ମେଡିସିନ୍, ହେପାଟୋଲୋଜି ଏବଂ କ୍ରିଟିକାଲ କେୟାର ବିଭାଗର ମିଳିତ ଡାକ୍ତରୀ ଟିମ୍ ଆକ୍ରାନ୍ତଙ୍କ ଚିକିତ୍ସା କରୁଛନ୍ତି।

## କିଏ ଧରିବ କଂଗ୍ରେସର ମଙ୍ଗ : ନେତାଙ୍କ ସହ ୱାନ ଟୁ ୱାନ ଆଲୋଚନ କଲେ ପର୍ଯ୍ୟବେକ୍ଷକ

**ଭୁବନେଶ୍ୱର, ୪/୧୧ ନ୍ୟୁଜ ବ୍ୟୁରୋ**

ନିର୍ବାଚନ ପରଠାରୁ ରାଜ୍ୟ କଂଗ୍ରେସ ମୁଖ୍ୟ ପଦ ଖାଲି ପଡ଼ିଛି। କଂଗ୍ରେସ ଭବନ ବି ଖାଁ ଖାଁ। ହେଲେ ହଠାତ ସୋମବାର କଂଗ୍ରେସ ଭବନ ଚଳଚଞ୍ଚଳ ହୋଇଥିଲା। କାରଣ ଥିଲା ନୂଆ ରାଜ୍ୟ ସଭାପତି ବାଛିବା ପାଇଁ କଂଗ୍ରେସ ଭବନରେ ପହଞ୍ଚିଥିଲେ ଦୁଇ ପର୍ଯ୍ୟବେକ୍ଷକ ଚରଣ ଦାସ ମହାନ୍ତ ଏବଂ ମିନାକ୍ଷୀ ନଟରାଜନ । ରାଜ୍ୟ କଂଗ୍ରେସ ଭବନରେ ଦଳୀୟ ନେତାଙ୍କ ସହିତ ୱାନ ଟୁ ୱାନ କଥା ହୋଇଛନ୍ତି। ଏହି ରିପୋର୍ଟ ହାଇକମାଣ୍ଡଙ୍କ ପାଖରେ ଉପସ୍ଥାପନ କରାଯିବ। ରାଜ୍ୟ କଂଗ୍ରେସର ନୂଆ ନେତା ବାଛିବା ପାଇଁ ଛତିଶଗଡ଼ର ବିରୋଧି ଦଳ ନେତା ତଥା ବରିଷ୍ଠ କଂଗ୍ରେସ ନେତା ଚରଣଦାସ ମହନ୍ତ ଏବଂ ବରିଷ୍ଠ ନେତ୍ରୀ ମିନାକ୍ଷୀ ନଟରାଜନ ଭୁବନେଶ୍ୱରରେ ପହଞ୍ଚି ମାନସ ମନ୍ଥନ କରିଛନ୍ତି । ଏତିକି ବେଳେ କଂଗ୍ରେସ ଭବନରେ ନିଜ ନିଜର ପତିଆରା ପ୍ରଦର୍ଶନ କରିଥିଲେ କିଛି ନେତା। କଂଗ୍ରେସ ବିଧାୟକ ତାରା ବାହିନୀପତି ୫ଜଣ ବିଧାୟକଙ୍କୁ ସାଙ୍ଗରେ ଧରି କଂଗ୍ରେସ ଭବନରେ ପହଞ୍ଚିଥିଲେ। ସେହିଭଳି ସାନଖେମୁଣ୍ଡି ବିଧାୟକ ରମେଶ ଜେନା ମଧ୍ୟ ନିଜର ପତିଆରା ଦେଖାଇଥିଲେ। ବିଶାଳ ରାଲି କରି ସେ କଂଗ୍ରେସ ଭବନରେ ପହଞ୍ଚିଥିଲେ। ମହମ୍ମଦ ମୋକିମ ମଧ୍ୟ ନିଜ ସମର୍ଥକଙ୍କୁ ଧରି କଂଗ୍ରେସ ଭବନରେ ପହଞ୍ଚିଥିଲେ । ରାଜ୍ୟ କଂଗ୍ରେସର ପରବର୍ତ୍ତୀ ସଭାପତି ହେବା ପାଇଁ ଯେମିତି ନେତାଙ୍କ ମଧ୍ୟରେ ଚାଲିଥିଲା ଲବି। ହେଲେ ଭୁବନେଶ୍ୱର ଆସିଥିବା ପର୍ଯ୍ୟବେକ୍ଷକ ଯେମିତି କୌଣସି ଚାପରେ ଆସିବେ ନାହିଁ ସେନେଇ ପ୍ରଥମରୁ ସିଗନାଲ ଦେଇଥିଲେ। ଚରଣ ଦାସ ମହନ୍ତଙ୍କୁ ବିମାନବନ୍ଦରରେ ସ୍ୱାଗତ କରିବାକୁ ଯାଇଥିବା ଏକ ବର୍ଣ୍ଣାଢ୍ୟ ଗାଡ଼ିକୁ ସେ ଏଡ଼ାଇ ଯାଇଥିଲେ। ବରଂ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମଙ୍କ ଗାଡ଼ିରେ କଂଗ୍ରେସ ଭବନରେ ସେ ପହଞ୍ଚିଥିଲେ। ରାଜ୍ୟ କଂଗ୍ରେସ ଭବନରେ ବିଭିନ୍ନ ନେତାଙ୍କ ମତାମତ ନେଇଥିଲେ ଦୁଇ ପର୍ଯ୍ୟବେକ୍ଷକ । ଷ୍ଟିଅରିଂ କମିଟି ସଦସ୍ୟ ଏବଂ ବିଧାୟକମାନଙ୍କ ସହ ୱାନ ଟୁ ୱାନ ଆଲୋଚନା କରିଥିଲେ। ଏହା ପରେ ବିଭିନ୍ନ ଛାମୁଆ ସଂଗଠନ ସହ ଆଲୋଚନା କରି ମତାମତ ସଂଗ୍ରହ କରିଥିଲେ । ବୈଠକରେ ସର୍ବସମ୍ମତି କ୍ରମେ ରିଜୋଲ୍ୟୁସନ ପାସ୍ ହୋଇଥିଲା । ଏହି ରିଜୋଲ୍ୟୁସନ ଥିଲା ଯାହାକୁ ହାଇକମାଣ୍ଡ ବାଛିବେ ଆମେ ତାଙ୍କୁ ଗ୍ରହଣ କରିବୁ । ଏଥିସହିତ ଚରଣ ଦାସ ମହନ୍ତ ସ୍ପଷ୍ଟ କରିଦେଇଥିଲେ ଯେ ତାଙ୍କ ପାଖରେ କୌଣସି ଲବି କାମ କରିପାରିବନି। ସୂଚନା ଅନୁସାରେ ହାଇକମାଣ୍ଡ ଏତେ ଶୀଘ୍ର ତାଙ୍କର ମତାମତ ଦେଉନାହାନ୍ତି। ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡ ନିର୍ବାଚନ ପରେ ଅର୍ଥାତ ନଭେମ୍ବର ୨୩ ପରେ ହାଇକମାଣ୍ଡଙ୍କ ପାଖରେ ଓଡ଼ିଶା ରିପୋର୍ଟ ଦାଖଲ ହେବ ତା'ପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି।

## ପରିବା ଗୋଦାମରେ ଅଗ୍ନିକାଣ୍ଡ

**ଜୟପୁର, ୪/୧୧ ନ୍ୟୁଜ ବ୍ୟୁରୋ**

ଦୈନିକ ପରିବା ଗୋଦାମରେ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା ଏବଂ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଜାରି ରଖିଥିଲା। ତେବେ କେଉଁ କାରଣରୁ ପରିବା ଦୋକାନରେ ଅଗ୍ନିକାଣ୍ଡ ଘଟିଛି ତାହାର କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ।

## ଭିଜିଲାନ୍ସ ଜାଲରେ କନିଷ୍ଠ ଯନ୍ତ୍ରୀ

**କନ୍ଧମାଳ, ୪/୧୧ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ପଞ୍ଝାରେ ପୁଣି ଜଣେ କନିଷ୍ଠ ଯନ୍ତ୍ରୀ। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ଜେ.ଇ ଅଶୋକ କୁମାର ପାଢ଼ୀ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଫୁଲବାଣୀ ଭିଜିଲାନ୍ସ ଟିମ୍ ତାଙ୍କୁ ଲାଞ୍ଚ ଟଙ୍କା ସହିତ ଗିରଫ କରିଛି। ଠିକାଦାର ରଘୁନାଥ ମହାକୁଡ଼ଙ୍କ ଠାରୁ ସେ ଏକ କାମର ବିଲ୍ କରିବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଛି। ବର୍ତ୍ତମାନ ଭିଜିଲାନ୍ସ ଟିମ୍ ଫିରିଙ୍ଗିଆ ସ୍ଥିତ ତାଙ୍କ କାର୍ଯ୍ୟାଳୟ, ତାଙ୍କ କ୍ୱାର୍ଟର, ବ୍ରହ୍ମପୁର ଭବାନୀପୁରସ୍ଥିତ ପୈତୃକ ଘର ଏବଂ ଲୋଚ୍ଛାପଡ଼ା ସ୍ଥିତ ତାଙ୍କ ଶଶୂର ଘରେ ଏକକାଳୀନ ଭିଜିଲାନ୍ସ ଚଢ଼ଉ ଜାରି ରଖିଛି। ବ୍ରହ୍ମପୁର ଏବଂ ଫୁଲବାଣୀ ଭିଜିଲାନ୍ସ ଟିମ୍ ମିଳିତ ଭାବେ ଏହି ଚଢ଼ଉ ଜାରି ରଖିଥିବା ସୂଚନା ଦେଇଛନ୍ତି ଫୁଲବାଣୀ ଭିଜିଲାନ୍ସ ଡିଏସପି ହେମନ୍ତ କୁମାର ମହାନ୍ତି।

# ଏଡିବି ରିପୋର୍ଟ: ଜିଡିପିର ୨୫% ଖାଇଯିବ ଜଳବାୟୁ ପରିବର୍ତ୍ତନ

**ନୂଆଦିଲ୍ଲୀ,୦୪/୧୧**

ଜଳବାୟୁ ପରିବର୍ତ୍ତନ ଯୋଗୁ ବଢୁଛି ସମୁଦ୍ର ସ୍ତର । ଶ୍ରମ ଉତ୍ପାଦକତାରେ ଦେଖାଦେଉଛି ବୃହତ୍ ହ୍ରାସ । ଆଗାମୀ ଦିନରେ ଭାରତୀୟ ଅର୍ଥନୀତି ଉପରେ ଏହାର ବିଶାଳ ପ୍ରଭାବ ଦେଖିବାକୁ ମିଳିବ । ଜଳବାୟୁ ପରିବର୍ତ୍ତନ ଯୋଗୁ ସୃଷ୍ଟି ହେଉଥିବା ସମସ୍ୟା ଦ୍ୱାରା ୨୦୭୦ ସୁଦ୍ଧା ଭାରତର ଜିଡିପି ୨୪.୭% ଧୋଇଯିବ ବୋଲି ଆଶଙ୍କା ପ୍ରକାଶ କରିଛି ଏସିଆନ୍ ଡେଭଲପ୍‌ମେଣ୍ଟ ବ୍ୟାଙ୍କ (ଏଡିବି)। ଏହା ଭାରତକୁ ଏସିଆ-ପ୍ରଶାନ୍ତ ଅଞ୍ଚଳର ଅନ୍ୟତମ ସର୍ବାଧିକ ପ୍ରଭାବିତ ରାଷ୍ଟ୍ରରେ ପରିଣତ କରିବ ବୋଲି ଏଡିବି କହିଛି । ଯଦି ଗ୍ରୀନହାଉସ୍ ଗ୍ୟାସ ନିର୍ଗମନ ସ୍ଥିତି ଅତି ଖରାପ ରୁହେ ତେବେ ବିକାଶମୁଖୀ ଏସିଆ-ପ୍ରଶାନ୍ତ ଅଞ୍ଚଳରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ୨୦୭୦ ସୁଦ୍ଧା ୧୭.୯% ସଂକୁଚିତ ହେବ । ଏପରିକି ୨୧୦୦ ମସିହା ସୁଦ୍ଧା ଏହି ହ୍ରାସ ୪୧%କୁ ବଢ଼ିପାରେ ବୋଲି ଏଡିବି ଏହାର 'ଏସିଆ-ପାସିଫିକ୍ କ୍ଲାଇମେଟ୍ ରିପୋର୍ଟ'ରେ ଉଲ୍ଲେଖ କରିଛି । ତେବେ ଜଳବାୟୁ ପରିବର୍ତ୍ତନର ସର୍ବାଧିକ ପ୍ରଭାବ ବାଂଲାଦେଶ ଉପରେ ପଡ଼ିପାରେ ବୋଲି ରିପୋର୍ଟରେ କୁହାଯାଇଛି । ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାଗୁଡ଼ିକ ଯୋଗୁ ୨୦୭୦ ସୁଦ୍ଧା ବାଂଲାଦେଶ ଜିଡିପି ୩୦.୫% ଖସିପାରେ । ଭିଏତ୍‌ନାମରେ ପ୍ରଭାବ ୩୦.୨%, ଇଣ୍ଡୋନେସିଆରେ ୨୬.୮% ଏବଂ ଭାରତରେ ୨୪.୭% ରହିବ ବୋଲି ରିପୋର୍ଟରେ ଅନୁମାନ କରାଯାଇଛି। ସେହିଭଳି ଏହି ସମସ୍ୟା ଯୋଗୁ ଉଚ୍ଚ-ଆୟ ଦକ୍ଷିଣପୂର୍ବ ଏସିଆର ଜିଡିପି ୨୨%, ପାକିସ୍ତାନର ଜିଡିପି ୨୧.୧%, ପାସିଫିକ୍‌ର ୧୮.୬% ଏବଂ ଫିଲିପାଇନ୍ସର ଜିଡିପି ୧୮.୧% ଖସିପାରେ ବୋଲି ଆକଳନ କରାଯାଇଛି । ରିପୋର୍ଟରେ ଆହୁରି ସତର୍କ କରାଯାଇଛି ଯେ, ଯଦି ଜଳବାୟୁ ସମସ୍ୟା ବଢ଼େ ତେବେ ୨୦୭୦ ସୁଦ୍ଧା ଏସିଆ-ପ୍ରଶାନ୍ତ ଅଞ୍ଚଳର ୩୦ କୋଟି ପର୍ଯ୍ୟନ୍ତ ଲୋକେ ଉପକୂଳ ବନ୍ୟା ବିପତ୍ତିର ସାମ୍ନା କରିବେ । ଏହା ଦ୍ୱାରା ବହୁ ଟ୍ରିଲିୟନ ଡଲାର କୋଷ୍ଟାଲ ପ୍ରପର୍ଟି ଧୂଳିସାତ୍ ହୋଇଯିବ । ସମୁଦ୍ରର ବର୍ଦ୍ଧିତ ସ୍ତର ଏବଂ ଶ୍ରମ ଉତ୍ପାଦକତା ହ୍ରାସ ଯୋଗୁ ଏସିଆ ପ୍ରଶାନ୍ତ ଅଞ୍ଚଳରେ ବ୍ୟାପକ କ୍ଷତି ହେବ । ନିମ୍ନ ଆୟ ଏବଂ ଦୁର୍ବଳ ଅର୍ଥନୀତିଗୁଡ଼ିକ ଅଧିକ ପ୍ରଭାବିତ ହେବେ । ବିଶାଳ ଉପକୂଳ ଜନସଂଖ୍ୟାଯୁକ୍ତ ରାଷ୍ଟ୍ରଗୁଡ଼ିକୁ ଜଳବାୟୁ ପରିବର୍ତ୍ତନ ସର୍ବାଧିକ ବାଧିବ । ଗରିବ ଲୋକେ ଏହା ଦ୍ୱାରା ଅଧିକ ପ୍ରଭାବିତ ହେବେ ବୋଲି ଏଡିବି ପ୍ରକାଶ କରିଛି । ୨୦୨୧ରେ ବିଶ୍ୱରେ ମୋଟ ଗ୍ରୀନ୍‌ହାଉସ୍ ଗ୍ୟାସ ନିର୍ଗମନରେ ଅଧା ଯୋଗଦାନ ରଖିଥିଲା ଏସିଆ-ପାସିଫିକ୍ । ଚୀନ୍, ଦକ୍ଷିଣ ଏସିଆ ଏବଂ ଦକ୍ଷିଣ ପୂର୍ବ ଏସିଆ ଏଥିପାଇଁ ବଡ଼ ଆକାରରେ ଦାୟୀ ରହିଥିବା ଏଡିବି ଏହାର 'ଏସିଆ- ପାସିଫିକ୍ କ୍ଲାଇମେଟ୍ ରିପୋର୍ଟ'ରେ ପ୍ରକାଶ କରିଛି । ଏଡିବିର ସଭାପତି ମାସାତ୍‌ସୁଗୁ ଆସାକାୱା କହିଛନ୍ତି ଯେ, ଜଳବାୟୁ ପରିବର୍ତ୍ତନ ଯୋଗୁ ଏସିଆ-ପାସିଫିକ୍‌ରେ ଝଡ଼ବାତ୍ୟା, ତାତି ଏବଂ ବନ୍ୟା ଲଗାତର ବଢୁଛି। ଏହା ଅର୍ଥନୀତି ଏବଂ ମାନବ ଜୀବନ ପାଇଁ ବଡ଼ ବିପଦ ପାଲଟିଛି । ଅତି ବିଳମ୍ବ ହୋଇଯିବା ପୂର୍ବରୁ ତ୍ୱରିତ ଏବଂ ଉତ୍ତମ-ସଂଯୋଜିତ ଜଳବାୟୁ ପଦକ୍ଷେପ ନିଆଯାଇ ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ପଡ଼ିବ । ଅତିରିକ୍ତ ବିଶ୍ୱ ତାପନ ଯୋଗୁ ଭାରତ ଏବଂ ଚୀନ୍ ସୀମାରେ ଭୂସ୍ଖଳନ ଏବଂ ବନ୍ୟା ବିପଦକୁ ନେଇ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଆଗକୁ ବାତ୍ୟା ଏବଂ ଝଡ଼ ଆଦି ଅଧିକ ଧ୍ୱଂସକାରୀ ପାଲଟିବ ଏବଂ ଜଳବାୟୁ ଉପରେ ନିର୍ଭରଶୀଳ କୃଷି କ୍ଷେତ୍ରରେ ଉତ୍ପାଦନ ବଡ଼ ମାତ୍ରାରେ ହ୍ରାସ ପାଇବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଜଳବାୟୁ ଲକ୍ଷ୍ୟକୁ ପୂରଣ କରିବା ପାଇଁ ଏସିଆ-ପ୍ରଶାନ୍ତ ଅଞ୍ଚଳ ଅକ୍ଷୟ ଶକ୍ତିକୁ ଗ୍ରହଣ କରିବା ସହ କାର୍ବନ ବଜାର ବିକଶିତ କରିପାରିବେ ବୋଲି ରିପୋର୍ଟରେ ପରାମର୍ଶ ଦିଆଯାଇଛି। ଜଳବାୟୁ ପରିବର୍ତ୍ତନ ଏବେ ସାରା ବିଶ୍ୱ ପାଇଁ ନୂଆ ଆହ୍ୱାନ ଭାବେ ଛିଡ଼ା ହୋଇଛି। ଏହା ଦେଶଗୁଡ଼ିକର ଧନଜୀବନ ଉପରେ ନକରାତ୍ମକ ପ୍ରଭାବ ପକାଉଥିବାରୁ ଏ ନେଇ ଅଭିନବ କୌଶଳ ରୂପରେ ଏବେ ଫୋକସ ଜାରି ରହିଛି।

ପ୍ରକାଶ ଅପେକ୍ଷାରେ...

ମାସିକ ଗଳ୍ପ ପତ୍ରିକା 'କଥାକଳିକା': ନଭେମ୍ବର-୨୪ ସଂଖ୍ୟା




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ତ୍ରିନାଥ ପଟ୍ଟନାୟକ।
**ସମକାଳର କଥା :** ଅମରେଶ ବିଶ୍ୱାଳ, ଶର୍ମିଷ୍ଠା ମହାପାତ୍ର, କମଳିନୀ ମଲ୍ଲିକ, ମୋନିକା ସରକାର, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, କିରଣ ମିଶ୍ର, ସଂଯୁକ୍ତା ତ୍ରିପାଠୀ, ମଧୁମିତା ମହାନ୍ତି।
**ଅନ୍ୟ ଭାଷାର କଥା :** ରେବା ପଟ୍ଟନାୟକ।
**ଯୁବ ମାନସର କଥା :** ସ୍ନେହ ଦାସଲେଙ୍କା, ସ୍ନିଗ୍ଧା ନାୟକ, ଅନସୂୟା ପଣ୍ଡା, କବିତା ମିଶ୍ର ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)